୨୦୨୧ ନବବର୍ଷକୁ ସ୍ୱାଗତ କରି ଦ୍ୱିତୀୟ ବର୍ଷରେ ପଦାର୍ପଣ କରିଛି ସାପ୍ତାହିକ ସମ୍ବାଦପତ୍ର 'ନିଷ୍କର୍ଷ' । ଏହା କାମଲ ସାମ୍ବାଦିକତା ପ୍ରତି ଏକ ଚ୍ୟାଲେଞ୍ଜ ସୃଷ୍ଟି କରିବା ସହ ଜନସାଧାରଣଙ୍କ ଅଧିକାର ପାଇଁ ସଂଗ୍ରାମ ଓ ସାଧାରଣ ଜନତାଙ୍କ ସ୍ୱର ଭାବେ କାର୍ଯ୍ୟ କରୁଛି । ଜନସାଧାରଣଙ୍କ ସମସ୍ୟାକୁ ପ୍ରଶାସନ ଓ ସରକାରଙ୍କ ନିକଟରେ ପହଞ୍ଚାଇବା ସହିତ ସରକାର-ପ୍ରଶାସନର ବିଭିନ୍ନ ଯୋଜନାର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଲକ୍ଷ୍ୟରେ ଏହାର ସୃଷ୍ଟି । - ପ୍ରକାଶକ

RNI REGD. No. : ODIODI/2020/78909

# ନିଷ୍କର୍ଷ
NISHKARSHA

Email : nishkarsha.media@gmail.com
Email for Advt. : nishkarsha.advt@gmail.com
Youtube Chhanle. Nishkarsha Media
www.nishkarsha.com
www.nishkarsha.in

♦ VOLUME - 02 ♦ ISSUE- 01 ♦ CUTTACK ♦ 04 TO 10 - JANUARY, 2021 ♦ 8 PAGE ♦ RATE- 5/- ■ ବର୍ଷ - ୦୨ ♦ ସଂଖ୍ୟା -୦୧ ♦ କଟକ ♦ ଜାନୁଆରୀ ୦୪ରୁ୧୦, ୨୦୨୧ ♦ ପୃଷ୍ଠା-୮ ♦ ମୂଲ୍ୟ- ୫ ଟଙ୍କା

### ଚୀନ ସହ ଆଲୋଚନାରୁ ମିଳୁନି ସୁଫଳ

## ଏଲ୍ଏସିରୁ ସୈନ୍ୟ ହ୍ରାସହେବ ନାହିଁ : ରାଜନାଥ



**ନୂଆଦିଲ୍ଲୀ(ଏଜେନ୍ସି) :** ପୂର୍ବ ଲଦାଖ ଅନ୍ତର୍ଗତ ବାସ୍ତବ ନିୟନ୍ତ୍ରଣ ରେଖା (ଏଲଏସି) ଅଞ୍ଚଳରେ ଉପୁଜିଥିବା ବିବାଦର ସମାଧାନ ନିମନ୍ତେ ଚୀନ୍ ସହ କୂଟନୈତିକ ଓ ସାମରିକସ୍ତରରେ ହୋଇଥିବା ଆଲୋଚନାରୁ କୌଣସି ସୁଫଳ ମିଳିନାହିଁ ବୋଲି କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି । ସେ ଏକ ସ୍ୱତନ୍ତ୍ର ସାକ୍ଷାତକାରରେ କହିଛନ୍ତି ଏ ଦୃଷ୍ଟିରୁ ସୂକ୍ତ ଅଞ୍ଚଳରୁ ସୈନ୍ୟ ହ୍ରାସ କରାଯାଇପାରିବ ନାହିଁ । ସୀମାରେ ଅଡୁଆ ପରିସ୍ଥିତି ସୃଷ୍ଟି କରୁଥିବା କାହାରିକୁ ଭାରତ ସହଜରେ ଛାଡ଼ିଦେବ ନାହିଁ ବୋଲି ସେ କହିଛନ୍ତି । ପ୍ରତିରକ୍ଷାମନ୍ତ୍ରୀ ଆହୁରି କହିଛନ୍ତି, ଗତ ଏପ୍ରିଲ ମାସରେ ପୂର୍ବ ଲଦାଖର ସ୍ଥିତି ଯାହା ଥିଲା ଭାରତ ସେହି ସ୍ଥିତାବସ୍ଥା ବଜାୟ ରଖାଯିବାକୁ ଦାବି କରୁଛି । କିନ୍ତୁ ଏ ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇନାହିଁ । ତେଣୁ ଏଲଏସି ଅଞ୍ଚଳରୁ ଚୀନ୍ ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିବାକୁ ଭାରତ ଦାବି କରିଆସୁଛି । ଅବଶ୍ୟ ଏହା ସତ୍ୟ ଯେ ଭାରତ ଚୀନ୍ ମଧ୍ୟରେ ବିବାଦ ହ୍ରାସ ଲାଗି ଉଭୟ ସାମରିକ ଓ କୂଟନୈତିକ ସ୍ତରରେ ଆଲୋଚନା ଚାଲିଛି । ମୋ ମତରେ ସ୍ଥିତାବସ୍ଥା ଏକ ସକରାତ୍ମକ ଅଗ୍ରଗତି ଆଦୌ ନୁହେଁ । ଆଲୋଚନା ଚାଲିଛି ଏବଂ ଏହାର ଫଳାଫଳ ସକରାତ୍ମକ ହେବ ବୋଲି ଆମର ଆଶା ରହିଛି । ଉଲ୍ଲେଖଯୋଗ୍ୟ ଭାରତ ଓ ଚୀନ୍ ମଧ୍ୟରେ ବରିଷ୍ଠ କମାଣ୍ଡରସ୍ତରୀୟ ନବମ ପର୍ଯ୍ୟାୟ ଆଲୋଚନା ପାଇଁ ଶୀଘ୍ର ଏକ ତାରିଖ ସ୍ଥିର କରିବା ନିମନ୍ତେ ଦୁଇ ଦେଶ ସମ୍ମତ ହୋଇଛନ୍ତି । ପୂର୍ବରୁ ଦୁଇ ଦେଶ ମଧ୍ୟରେ ଆଠ ପର୍ଯ୍ୟାୟ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନର ରାସ୍ତା ବାହାରିନାହିଁ । ଗତ ନଭେମ୍ବର ମାସରେ ଅନୁଷ୍ଠିତ ଶେଷ ବୈଠକ ଅମିମାଂସିତ ଭାବେ ଶେଷ ହୋଇଥିଲା । ଉଲ୍ଲେଖଯୋଗ୍ୟ ଗତ ଏପ୍ରିଲ ଓ ମେ' ମାସରେ ଚୀନ ସେନା ପକ୍ଷରୁ ଏକାଧିକବାର ସୀମା ଉଲ୍ଲଙ୍ଘନ କରାଯାଇଥିଲା । ଏହା ଫଳରେ ଜୁନ୍ ୧୫ରେ ଲଦାଖର ଗଲୱାନରେ ଦୁଇ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା । ଏଥିରେ ୨୦ ଜଣ ଭାରତୀୟ ଯବାନ ସହିଦ ହୋଇଥିଲେ । ଦୀର୍ଘ ୪୫ବର୍ଷ ପରେ ଦୁଇ ଦେଶ ମଧ୍ୟରେ ଏଭଳି ରକ୍ତାକ୍ତ ସଂଘର୍ଷ ଘଟିଥିଲା ।

## ଏସ୍ତୋନିଆ, ପାରାଗୁଏ ଓ ଡୋମିନିକାନ ଗଣରାଜ୍ୟରେ ୩ଟି ଭାରତୀୟ ମିଶନ ଖୋଲିବ

**ନୂଆଦିଲ୍ଲୀ (ବ୍ୟୁରୋ) :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ୨୦୨୧ରେ ଏସ୍ତୋନିଆ, ପରାଗୁଏ ଓ ଡୋମିନିକାର ଗଣରାଜ୍ୟରେ ୩ଟି ଭାରତୀୟ ମିଶନ ଖୋଲିବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି । ତେବେ ଏହାକୁ କାର୍ଯ୍ୟକାରୀ କରାଯିବା ପରେ ଏହି ରାଷ୍ଟ୍ରଗୁଡ଼ିକରେ ୩ଟି ଭାରତୀୟ ମିଶନ ଖୋଲାଯିବା ଫଳରେ ଭାରତର କୂଟନୈତିକ ପରିଧିବୃଦ୍ଧି, ରାଜନୈତିକ ସମ୍ପର୍କ ଗଭୀର ହେବା, ଦ୍ୱିପାକ୍ଷିକ ବାଣିଜ୍ୟ, ନିବେଶ ଓ ଆର୍ଥିକ ସମ୍ପର୍କ ବିକଶିତ କରିବା, ଜନସମ୍ପର୍କ ମଜଭୁତ କରିବା, ବହୁପକ୍ଷୀୟ ମଞ୍ଚରେ ରାଜନୈତିକ ପ୍ରସାର ବୃଦ୍ଧି ପାଇବା ଏବଂ ଭାରତର ବିଦେଶ ନୀତି ନିମନ୍ତେ ସମର୍ଥନ ଯୋଗ କରିବାରେ ସହାୟତା ମିଳିପାରିବ । ଏସବୁ ଦେଶରେ ଭାରତୀୟ ମିଶନ ସେଠାରେ ରହୁଥିବା ଭାରତୀୟ ସମୁଦାୟ ଏବଂ ସେମାନଙ୍କ ହିତର ସୁରକ୍ଷା ଲାଗି ଉନ୍ନତ ଢଙ୍ଗରେ ସହାୟତା କରିପାରିବ । ତେବେ ଆମର ବିଦେଶ ନୀତିର ଉଦ୍ଦେଶ୍ୟ ହେଉଛି ବନ୍ଧୁ ରାଷ୍ଟ୍ରଗୁଡ଼ିକ ସହିତ ଭାଗିଦାରୀ ଜରିଆରେ ଭାରତର ଉନ୍ନତି ଓ ବିକାଶ ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବା । ବର୍ତ୍ତମାନ ସମୟରେ ସାରା ବିଶ୍ୱରେ ଭାରତୀୟ ମିଶନ ଓ ପୋଷ୍ଟ ରହିଛି । ଏଗୁଡ଼ିକ ସହଯୋଗୀ ରାଷ୍ଟ୍ରଗୁଡ଼ିକ ସହିତ ଆମ ସମ୍ପର୍କର ବାହକ ଭାବେ କାର୍ଯ୍ୟ କରୁଛନ୍ତି । ଏହି ୩ଟି ନୂତନ ଭାରତୀୟ ମିଶନ ଖୋଲିବାର ନିଷ୍ପତ୍ତି ସବକା ସାଥ ସବକା ବିକାଶ ବା ଉନ୍ନତି ଏବଂ ବିକାଶଠକୁ

ଅବଶିଷ୍ଟ- ପୃଷ୍ଠା- ୭ରେ

## 'ଏସସିବିକୁ ଏମ୍ସ ପ୍ଲସ ଢାଞ୍ଚାରେ ପ୍ରସ୍ତୁତ କରାଯିବ'

### ସରକାରୀସ୍ତରରେ ଏହା ଦେଶର ସର୍ବ ବୃହତ ପ୍ରକଳ୍ପ

### ନିଜସ୍ୱ ବଜେଟରୁ ୩,୫୦୦କୋଟି ଟଙ୍କା ଯୋଗାଇଦେବେ ରାଜ୍ୟ ସରକାର



**କଟକ(ଏନ୍.ଏମ୍.) :** କଟକ ବଡମେଡ଼ିକାଲ ବା ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ହସ୍ପିଟାଲ (ଏସସିବି)କୁ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରାଯିବ । ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ସରକାରୀସ୍ତରରେ ଏହା ଦେଶର ସର୍ବବୃହତ ପ୍ରକଳ୍ପ । ଏମ୍ସ ପ୍ଲସ ଢାଞ୍ଚାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ହେବା ପାଇଁ ରାଜ୍ୟସରକାର ନିଜସ୍ୱବଜେଟରୁ ୩ହଜାର ୫୦୦କୋଟି ଟଙ୍କା ବ୍ୟୟ କରିବେ । ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଏହି ପ୍ରକଳ୍ପ ରହିବ । ୫ହଜାର ଶଯ୍ୟା ସହିତ ଡାକ୍ତର, ରୋଗୀ, ଓ ଅନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ହେବ । ନିର୍ଦ୍ଧାରିତ ସମୟରେ ଏହି ପ୍ରକଳ୍ପ ଶେଷ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

୨୦୨୦ ମସିହାର ଶେଷ ଦିନରେ ହୋଇଥିବା ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସିଂ ଜରିଆରେ କହିଥିଲେ ଯେ, ଏସସିବି ସ୍ୱାସ୍ଥ୍ୟସେବା ପାଇଁ ଓଡ଼ିଶା ବାସୀଙ୍କ ବିଶ୍ୱାସର କେନ୍ଦ୍ର ହେବ । ଫଳରେ ୨୦୨୧ରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହାକୁ ଏକ ନୂଆ ଯୁଗର ସଂଙ୍କେତ ଦେବ ।

ଅବଶିଷ୍ଟ- ପୃଷ୍ଠା- ୭ରେ

### ୭୨ତମ ବରିଷ୍ଠ ପୁଲିସ ଅଧିକାରୀ ସମ୍ମିଳନୀ ଉଦ୍‌ଯାପିତ

## ରାଜ୍ୟରେ ଖୋଲିବ ୩୪ଟି ନୂଆ ସାଇବର ଥାନା ଏବଂ ମହିଳା ଶିଶୁ ସ୍ୱତନ୍ତ୍ର ଶାଖା




**କଟକ(ଏନ୍.ଏମ୍.) :** ଓଡିଶା ପୁଲିସ ଆଇନ ଶୃଙ୍ଖଳା ପରିଚାଳନା, କରୋନା ମହାମାରୀ ସମୟରେ ପୁଲିସର ଲକଡାଉନ ନିୟମ ପରିବର୍ତ୍ତନ, ବାମପନ୍ଥୀ ସନ୍ତ୍ରାସବାଦ କାର୍ଯ୍ୟକଳାପର ମୁକାବିଲା, ଅପରାଧ ଦମନ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି । ୭୨ତମ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମିଳନୀର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କୋଭିଡ ରୋଗୀଙ୍କ ଜୀବନ ରକ୍ଷା ପାଇଁ ଓଡିଶା ପୁଲିସର ୯୩୦ ଜଣ ପ୍ଲାଜମା ଦାନ କରିଥିବାରୁ ସେ ଭୂୟସୀ ପ୍ରଶଂସା କରିଥିଲେ । ଆଧୁନିକ ଫରେନସିକ କୌଶଳ ଉପଯୋଗ କରି ଦୋଷୀ ସାବ୍ୟସ୍ତ ହାର ବୃଦ୍ଧି କରିବା, ଅପରାଧର ଶୀକାର ବ୍ୟକ୍ତିବିଶେଷ ଓ ପରିବାର ପ୍ରତି ସମ୍ବେଦନଶୀଳ ହେବା ସହ ନ୍ୟାୟ ପ୍ରଦାନ କରିବା, କ୍ରମ ବର୍ଦ୍ଧିଷ୍ଣୁ ସାଇବର ଅପରାଧ ରୋକିବାକୁ ସୂଚନା ପ୍ରଯୁକ୍ତି ବିଦ୍ୟାର ବ୍ୟବହାର କରିବାକୁ, ଆପତ୍ତି ଅଭିଯୋଗର ତ୍ୱରିତ ଫଇସାଲା କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ମାଓ ଦମନ କ୍ଷେତ୍ରରେ ବିଶେଷ ସଫଳତା ପାଇଁ ମାଲକାନଗିରି ଓ କନ୍ଧମାଳ ଆରକ୍ଷୀ ଅଧକ୍ଷକ ଏବଂ ଉତ୍ତମ ଶିଳ୍ପାୟନ ପରିବେଶ ସୃଷ୍ଟି କରିଥିବା ହେତୁ ଅନୁଗୁଳ ଓ କେନ୍ଦୁଝର ଆରକ୍ଷୀ ଅଧିକ୍ଷକଙ୍କୁ ସେ ପ୍ରଶଂସା କରିଥିଲେ । ରାଜ୍ୟରେ ସାଇବର ଅପରାଧ ଓ ଅର୍ଥନୈତିକ ଅପରାଧ ଆହ୍ୱାନକୁ ମୁକାବିଲା କରିବା ପାଇଁ ୩୪ଟି ନୂଆ ସାଇବର ଥାନା ଓ ମହିଳା, ଶିଶୁଙ୍କ ବିରୋଧରେ ଘଟୁଥିବା ଅପରାଧର ପରିଚାଳନା କରିବାକୁ ଏକ ସ୍ୱତନ୍ତ୍ର ଶାଖା ଗଠନ କରାଯିବ ବୋଲି ସେ ଘୋଷଣା କରିଥିଲେ । ପ୍ରାଣବଳୀ ଦେଇଥିବା ୪୮ ପୁଲିସ କରୋନା ଯୋଦ୍ଧା ଓ ମାଓ ଦମନ କାର୍ଯ୍ୟରେ ନିୟୋଜିତ ୨ ସହିଦ ଯବାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶୋକ ବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ନୂତନ ଭାବେ ଗଠିତ ହୋଇଥିବା ଅନୁଗୁଳ ସଦର ଥାନା, ଭୁବନେଶ୍ୱର ଭରତପୁର ଥାନା, ଝାରସୁଗୁଡା ସଦର ଥାନା, ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ଥାନା ଓ ଭଦ୍ରକର ସବରଙ୍ଗ ଓ ପୀରହାଟ ଥାନା ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଦିବସରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ଗୃହ ବିଭାଗ ଓ ଅର୍ଥ ବିଭାଗ ପ୍ରମୁଖ ସଚିବ ଯୋଗ ଦେଇଥିଲେ । ସମ୍ମିଳନୀର ପ୍ରଥମ ପର୍ଯ୍ୟାୟରେ ମାନସିକ ଚାପ ପରିଚାଳନା ଓ ୫-ଟିରେ ଏମରଜେନ୍ସି ରେସ୍ପନ୍ସ ସପୋର୍ଟ ସିଷ୍ଟମ ଉପରେ ଆଲୋଚନା କରାଯାଇଥିଲା ।

### ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶ : ପାଣ୍ଠିର ସଦ୍‌ଉପଯୋଗ କର

## କୋଭିଡ ସତ୍ତ୍ୱେ ରାଜସ୍ୱ ବୃଦ୍ଧି ପାଇଛି



**ଭୁବନେଶ୍ୱର (ଏନ୍.ଏମ୍) :** ଅର୍ଥନୀତିର ବିଭିନ୍ନ କ୍ଷେତ୍ରରେ କୋଭିଡ୍ ସଂକଟ ସତ୍ତ୍ୱେ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଘଟିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ନଭେମ୍ବର ଶେଷ ସୁଦ୍ଧା ମୋଟ୍ ରାଜସ୍ୱ ସଂଗ୍ରହରେ ୪ ପ୍ରତିଶତ ବୃଦ୍ଧି ହୋଇଛି । ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରୁ ଏହା ଜଣାପଡ଼ିଛି । ଗତ ନଭେମ୍ବର ସୁଦ୍ଧା ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନା ଉପସ୍ଥାପନ କରିଥିବା ବିଭିନ୍ନ ବିଭାଗର ଆର୍ଥିକ ପ୍ରଦର୍ଶନ ଉପରେ ସମୀକ୍ଷା କରି ପ୍ରକଳ୍ପଗୁଡ଼ିକର ତ୍ୱରାନ୍ୱିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ ଦେବା ଲାଗି ମୁଖ୍ୟ ସଚିବ ଶ୍ରୀ ତ୍ରିପାଠୀ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ପାଣ୍ଠି ପକାଇ ନରଖି ବଜେଟ୍ ଅର୍ଥକୁ ବ୍ୟବହାର କରି ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱଦେବାକୁ ଶ୍ରୀ ତ୍ରିପାଠୀ କହିଥିଲେ । ଏହାସହ ଭିତ୍ତିଭୂମି ଏବଂ ଜୀବନଜୀବିକା ସୃଷ୍ଟି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ କରିବା ନେଇ ସୁନିଶ୍ଚିତ କରିବାକୁ ସେ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର

ଅବଶିଷ୍ଟ- ପୃଷ୍ଠା- ୭ରେ

## ୨୦୨୦ରେ ୪୦ କୋଟିପତିଙ୍କ ସମେତ ୩୮୧ ଜଣଙ୍କ ବିରୋଧରେ ୨୪୫ ଭିଜିଲାନସ ମାମଲା

**କଟକ (ଏନ୍.ଏମ୍.) :** ଚଳିତ ବର୍ଷ ରାଜ୍ୟ ଭିଜିଲାନସ୍ ପକ୍ଷରୁ ୩୮୧ ଜଣଙ୍କ ବିରୋଧରେ ୨୪୫ଟି ମାମଲା ରୁଜୁ କରାଯାଇଛି । ସେମାନଙ୍କ ମଧ୍ୟରେ ୫୩ ଜଣ ପ୍ରଥମ ଶ୍ରେଣୀ ପହ୍ୟା ଅଧିକାରୀ ରହିଥିବା ବେଳେ, ୩୭ ଜଣ ଦ୍ୱିତୀୟ, ୧୮୪ ଜଣ ତୃତୀୟ , ୫ ଜଣ ଚତୁର୍ଥ ଶ୍ରେଣୀ ଓ ୨୬ ଜଣ ଅନ୍ୟାନ୍ୟ ସରକାରୀ ଏବଂ ୭୬ ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି । ୧୨୩ କୋଟି ୯୧ ଲକ୍ଷ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ନେଇ ୯୩ ଜଣଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ମଧ୍ୟରେ ୯୩ ଜଣ ସରକାରୀ କର୍ମଚାରୀ ରହିଥିବା ବେଳେ ୪୫ ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି । ଏମାନଙ୍କ ମଧ୍ୟରେ ୪ ଜଣଙ୍କ ସମ୍ପତ୍ତି ୪ କୋଟିରୁ ଅଧିକ ଲେଖାଏଁ ହୋଇଥିବା ବେଳେ ୩୬ ଜଣଙ୍କ ସମ୍ପତ୍ତି ୧ କୋଟି ଲେଖାଏଁ ରହିଛି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ମାମଲା ମଧ୍ୟରେ ୨୪ ଜଣ ପ୍ରଥମ ଶ୍ରେଣୀ ପାହ୍ୟା ଓ ୧୯ ଜଣ ଦ୍ୱିତୀୟ ଶ୍ରେଣୀ ପାହ୍ୟା ଅଧିକାରୀ ରହିଛନ୍ତି । ଚଳିତ ବର୍ଷ ଜଣେ ଆଇଏଫଏସ ଅଧିକାରୀଙ୍କ ୪ଟି ରାଜ୍ୟରେ ୧୫୦ ଅଧିକାରୀଙ୍କ ଦ୍ୱାରା ଚଢାଉ କରାଯାଇ ୯ କୋଟି ୩୫ ଲକ୍ଷ ଟଙ୍କାର ସମ୍ପତ୍ତି ଠାବ କରାଯାଇଥିଲା ଯାହା ଓଡିଶା ଭିଜିଲାନସର ସର୍ବକାଳୀନ ରେକର୍ଡ । ସେହିପରି ୪ ଜଣ ପ୍ରଥମ ଶ୍ରେଣୀ ଓ ୪ ଜଣ ଦ୍ୱିତୀୟ ଶ୍ରେଣୀ ପହ୍ୟା ଅଧିକାରୀଙ୍କୁ ବାଟରେ ଅଟକାଯାଇ ୨୬ ଲକ୍ଷ ୯୫ ହଜାର ୪୪୦ ଟଙ୍କା ଜବତ କରାଯାଇଥିଲା ।

ମୋଟ୍ ୧୬ ଲକ୍ଷ ୬୨ ହଜାର ଟଙ୍କା ଲାଞ୍ଚ

ଅବଶିଷ୍ଟ- ପୃଷ୍ଠା- ୭ରେ

### ପିପିଲି ଉପନିର୍ବାଚନ ପାଇଁ ଅଙ୍କକଷା

## ଆଶାୟୀଙ୍କ ମଧ୍ୟରେ ପ୍ରତିଯୋଗୀତା ଆରମ୍ଭ

**ପୁରୀ(ଏନ୍.ଏମ୍.) :** ବାଲେଶ୍ୱର ସଦର ଓ ତିର୍ତ୍ତୋଲ ଉପନିର୍ବାଚ ପରେ ଏବେ ପିପିଲି ଉପରେ ସମସ୍ତଙ୍କ ନଜର । ଏ ଯାଏ ନିର୍ବାଚନ ଆୟୁକ୍ତଙ୍କ ପକ୍ଷରୁ ତାରିଖ ଘୋଷଣା କରାଯାଇ ନଥିଲେ ମଧ୍ୟ ପିପିଲି ଉପରେ ଆଶାୟୀ ପ୍ରାର୍ଥୀଙ୍କ ନଜର ରହିଛି । ଫଳରେ ଏହି ନିର୍ବାଚନରେ କୌଣସି ଦଳରୁ ପ୍ରାର୍ଥୀ ହେବା ପାଇଁ ଆଶାୟୀମାନେ ନିଜ ନିଜର ରଣ କୌଶଳ ଆରମ୍ଭ କରିଦେଇଛନ୍ତି । କେବଳ ନିର୍ବାଚନ ତାରିଖ ଘୋଷଣାକୁ ଚାତକ ଭଳି ଚାହିଁ ରହିଛନ୍ତି ଆଶାୟୀ । ପିପିଲି ନିର୍ବାଚନ ଉପରେ ସମସ୍ତ ରାଜନୈତିକ ଦଳର ନଜର ଥିବାବେଳେ ଏପର୍ଯ୍ୟନ୍ତ କୌଣସି ରାଜନୈତିକ ଦଳ ପ୍ରାର୍ଥୀମାନଙ୍କ ନାମ ଘୋଷଣା କରିନାହାନ୍ତି । ହେଲେ ଟିକେଟ ପାଇବା ପାଇଁ ଆଶାୟୀଙ୍କ ମଧ୍ୟରେ ପ୍ରତିଯୋଗୀତା ଆରମ୍ଭ ହୋଇଥିବାବେଳେ ନିର୍ବାଚନୀ ଉତ୍ତପ୍ତତା ଅନୁଭୂତ ହେଲାଣି । ତେବେ ଖୁବଶିଘ୍ର ନିର୍ବାଚନ ପାଇଁ ତାରିଖ ଘୋଷଣା କରାଯିବ ବୋଲି ଜଣାପଡ଼ିଛି ।

ପିପିଲି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ନଜର କଲେ ଦୀର୍ଘ ୩୫ବର୍ଷ ଧରି ଲଗାତାର ଭାବେ ଅଣକଂଗ୍ରେସ ଦଖଲରେ ରହିଥିଲା । ମାତ୍ର ପିପିଲିର ଟାଣୁଆ ବିଜେଡ଼ି ନେତା ତଥା ସଂଗଠକ ପ୍ରଦୀପ ମହାରଥୀଙ୍କ ଦେହାନ୍ତ ପରେ ଏହି ନିର୍ବାଚନ ମଣ୍ଡଳୀରେ କିଏ କେଉଁ ଦଳରୁ ପ୍ରତିନିଧିତ୍ୱ କରିବ ସେ ନେଇ ରାଜନୈତିଜ୍ଞଙ୍କ ମହଲରେ ଚର୍ଚ୍ଚା ମଧ୍ୟ ଆରମ୍ଭ ହେଲାଣି । ତେବେ ଏହି ନିର୍ବାଚନ ମଣ୍ଡଳୀଟି ବିଜେଡ଼ିର ଗଡ଼ବୋଲି କୁହାଯାଉଥିବାବେଳେ ଏବେ ବିଜେପି ଓ କଂଗ୍ରେସ ପକ୍ଷରୁ ନିଜ ସଂଗଠନକୁ ମଜଭୁତ କରିବା ଲକ୍ଷ୍ୟରେ ଅଛନ୍ତି । ଫଳରେ ବିଭିନ୍ନ ରାଜନୈତିକ ଦଳ ଏଠାରେ କୌଣସି ସୁଯୋଗ ହାତଛଡ଼ା କରିବା ସ୍ଥିତିରେ ନାହାନ୍ତି । ଅନ୍ୟପକ୍ଷରେ ପିପିଲି ବିଧାୟକ ସ୍ୱର୍ଗତ ମହାରଥୀଙ୍କ ପ୍ରତି ଅଞ୍ଚଳବାସୀଙ୍କ ଅକୁଣ୍ଠ




ସମର୍ଥନ ରହିଥିବାରୁ ସ୍ୱର୍ଗତ ମହାରଥୀଙ୍କ ପରେ ତାଙ୍କ ପରିବାର ସଦସ୍ୟଙ୍କ ପ୍ରତି ମଧ୍ୟ ଭୋଟରଙ୍କ ସମର୍ଥନ ରହିଥିବା କୁହାଯାଉଛି । ତେଣୁ ବିଜେଡ଼ି ମହାରଥୀଙ୍କ ପରିବାରରୁ ଜଣକୁ ଟିକେଟ ଦେଇ ଅନୁକମ୍ପା ଭୋଟ ହାତେଇବାକୁ ଯୋଜନା ରହିଥିବା ମଧ୍ୟ ଚର୍ଚ୍ଚାକୁ ଆସିଛି । ଜନଗଣନା ଅନୁଯାୟୀ ପିପିଲି ନିର୍ବାଚନ ମଣ୍ଡଳୀରେ ଭୋଟରଙ୍କ ସଂଖ୍ୟା ୨ଲକ୍ଷ ୪୦ହଜାର ଥିବାବେଳେ ଗତ ୨୦୧୯ ମସିହା ସାଧାରଣ ନିର୍ବାଚନରେ ବିଜେଡ଼ି ୫୦.୬୬ପ୍ରତିଶତ ଭୋଟ ପାଇଥିଲା । ତତ୍‌କାଳୀନ ବିଜେଡ଼ି ପ୍ରାର୍ଥୀ ସ୍ୱର୍ଗତ ମହାରଥୀଙ୍କ ବିପକ୍ଷରେ ବିଜେପି ୪୧.୬୧ ପ୍ରତିଶତ ଭୋଟ ପାଇଥିବାବେଳେ କଂଗ୍ରେସ ପାର୍ଟିକୁ ମାତ୍ର ୫.୬୩ ପ୍ରତିଶତ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ଏହି ନିର୍ବାଚନରେ ବିଜେଡ଼ିର ପ୍ରାର୍ଥୀ ସ୍ୱର୍ଗତ ମହାରଥୀ ୮୮ହଜାର ୫୧ଖଣ୍ଡ ଭୋଟ ପାଇ ବିଜୟ ହାସଲ କରିଥିବାବେଳେ ବିଜେପି ପ୍ରାର୍ଥୀ ଆଶ୍ରିତ ପଟ୍ଟନାୟକ ୭୧ହଜାର ୭୩୧ଖଣ୍ଡ ଭୋଟ ପାଇଥିଲେ । କଂଗ୍ରେସ ଦଳର ପ୍ରାର୍ଥୀ ଅଜିତ ମଙ୍ଗରାଜ ୯୮୩୦ଖଣ୍ଡ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ । ତେବେ ବିଜେଡ଼ି ପକ୍ଷରୁ ସ୍ୱର୍ଗତ ମହାରଥୀଙ୍କ ପତ୍ନୀ ପ୍ରତିଭା ମହାରଥୀଙ୍କ ପ୍ରାର୍ଥୀ କରିବା ପାଇଁ ଗୋଟି ଗୋଷ୍ଠୀ ଜିଲ୍ଲା ବିଜେଡ଼ି ସଭାପତି ମହେଶ୍ୱର ମହାନ୍ତିଙ୍କ ଜରିଆରେ ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଥିବାବେଳେ ଯୁବ ଓ ଛାତ୍ର ବିଜେଡ଼ି ପକ୍ଷରୁ ସ୍ୱର୍ଗତ ମହାରଥୀଙ୍କ ପୁତ୍ର ରୁଦ୍ରପ୍ରତାପ ମହାରଥୀଙ୍କୁ ପ୍ରାର୍ଥୀ କରିବା ପାଇଁ ଦାବି କରୁଛନ୍ତି ।ତେବେ ମହାରଥୀଙ୍କ ଦେହାନ୍ତ ପରେ ଉଭୟେ ମା' ପୁଅ ନିଜନିଜ ସମର୍ଥକଙ୍କୁ ନେଇ ବୈଠକରେ ଆଲୋଚନା କରୁଥିବାବେଳେ ଅନ୍ୟ ଆଶାୟୀ ପ୍ରାର୍ଥୀ ମାନଙ୍କ ସମେତ ବିଜେପି ଓ କଂଗ୍ରେସ ଦଳର ଆଶାୟୀମାନେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଗାଁରେ ବୁଲି ସଂଗଠନ ମଜଭୁତ କରିବାରେ ଲାଗିଛନ୍ତି । ତେବେ କିଛି ଆଶାୟୀ ପ୍ରାର୍ଥୀ ବିଭିନ୍ନ ରାଜନୈତିକ ଦଳର ହୋଇଥିଲେ ମଧ୍ୟ ଦଳୀୟ ସଂଗଠନ ଅପେକ୍ଷା ବ୍ୟକ୍ତିଗତ ସଂଗଠନ ତିଆରିରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳିଛି ।

## ସାମ୍ବାଦିକ/ଏଜେଣ୍ଟ ଆବଶ୍ୟକ

ରାଜ୍ୟର ସମସ୍ତ ଜିଲ୍ଲା ତଥା ବ୍ଲକରେ ସାମ୍ବାଦିକ/ ଏଜେଣ୍ଟ ଆବଶ୍ୟକ । ଯେଉଁ ବ୍ୟକ୍ତିମାନେ ନିଷ୍କର୍ଷରେ କାମ କରିବାକୁ ଚାହୁଥାନ୍ତି ତେବେ ତୁରନ୍ତ ଯୋଗାଯୋଗ କରନ୍ତୁ ।

(ସର୍ତ୍ତାବଳୀ ଲାଗୁ)

ଯୋଗାଯୋଗ

ନିଷ୍କର୍ଷ ମିଡ଼ିଆ ଏଣ୍ଟରଟେଣ୍ଟମେଣ୍ଟ ଆଣ୍ଡ ପବ୍ଲିକେଶନ

ମୋବାଇଲ ନମ୍ବର :9938725879/ 8895134289

nishkarsha.editor@gmail.com




## ଟିକସ ଆଦାୟ କ୍ଷେତ୍ରରେ ସିଏମସିର ଆନ୍ତରିକତା ନାହିଁ !

# ସହରରେ ବଢୁଛି ହୋର୍ଡ଼ିଂ : ରାଜସ୍ୱ ହ୍ରାସ

**କଟକ(ଏନ୍.ଏମ୍.):** କଟକ ମହାନଗର ନିଗମ (ସିଏମସି)ର ବିଭିନ୍ନ ରାଜସ୍ୱ ଆଦାୟ ଉସ ମଧ୍ୟରୁ ହୋର୍ଡ଼ିଂ ବାବଦରେ ଆଦାୟ ହେଉଥିବା ଅର୍ଥ ଅନ୍ୟତମ । ଏଥି ପାଇଁ ସିଏମସି ପକ୍ଷରୁ କଟକ ସହରରେ ହୋର୍ଡ଼ିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଏ । ଅନ୍ୟପକ୍ଷରେ ଏହି ସହରଟି ରାଜ୍ୟର ଅନ୍ୟତମ ବ୍ୟବସାୟିକ ସହର ହୋଇଥିବାରୁ ବିଭିନ୍ନ କମ୍ପାନୀ, ସଂସ୍ଥା ତଥା ଅନୁଷ୍ଠାନଗୁଡ଼ିକ ବିଭିନ୍ନ ଜନଗହଳି ସ୍ଥାନରେ ବିରାଟ କାୟ ହୋର୍ଡ଼ିଂ ଲଗାଇବାକୁ ପସନ୍ଦ କରିଥାନ୍ତି । ସହରରେ ଲାଗୁଥିବା ହୋର୍ଡ଼ିଂଗୁଡ଼ିକୁ ୨ଟି ପର୍ଯ୍ୟାୟରେ ଭାଗ କରାଯାଇଥାଏ । ଯାହାକୁ ଗ୍ରାଉଣ୍ଡ ହୋର୍ଡ଼ିଂ ଓ ରୁଫ ଟପ୍ ହୋର୍ଡ଼ିଂ ବୋଲି କୁହାଯାଇଥାଏ । ସମ୍ପ୍ରତି କରୋନା ଯୋଗୁଁ ବିଭିନ୍ନ ଦିଗରେ ରାଜସ୍ୱ ଆସିପାରି ନାହିଁ । ତେବେ କଟକ ସହରରେ ଛତୁ ଫୁଟିଲା ଭଳି ହୋର୍ଡ଼ିଂ ଲାଗିଥିବାବେଳେ ଏ ନେଇ ସିଏମସି ଆଦାୟ କରୁଥିବା ଟିକସ ସନ୍ତୋଷ ଜନକ ନୁହେଁ ବୋଲି ବୁଦ୍ଧିଜୀବୀମହଲରେ ଅଭିଯୋଗ ଉଠିଛି ।



ସହରରେ ବର୍ଷ ବର୍ଷ ଧରି ହୋର୍ଡ଼ିଂ ଟିକସ ଆଦାୟ ହୋଇପାରୁନଥିବାବେଳେ କେତେକ ଅସାଧୁ ସଂସ୍ଥା ବେଆଇନ ଭାବେ ହୋର୍ଡ଼ିଂ ଲଗାଇ ମୁନାଫା କମାଇଥାନ୍ତି । ତେବେ ସିଏମସିର ହୋର୍ଡ଼ିଂ ଦାୟିତ୍ୱରେ ଥିବା କେତେକ ଅସାଧୁ କର୍ମଚାରୀ ଓ ଅଧିକାରୀଙ୍କ ଯୋଗୁଁ ଏ ବାବଦରେ ସିଏମସି ପ୍ରତିବର୍ଷ ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ଆଲୋଚନା ହେଉଛି । ତେବେ ଏ ନେଇ ସିଏମସି ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ନିଷ୍ପତ୍ତି ନିଆଯାଇଥିବାବେଳେ ହୋର୍ଡ଼ିଂ ସଂସ୍ଥା ଓ ବିଭାଗୀୟ ଅଧିକାରୀ କର୍ମଚାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ତାହା ସଫଳ ହୋଇ ପାରୁନଥିବା ସାଧାରଣରେ ଚର୍ଚ୍ଚା ହେଉଛି । ତେବେ କେତେକ ସମ୍ବେଦନଶୀଳ ଅଞ୍ଚଳରେ ହୋର୍ଡ଼ିଂ ଲଗାଯିବା ଯୋଗୁଁ ଲୋକେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିଲେ ମଧ୍ୟ ସିଏମସି କର୍ତ୍ତୃପକ୍ଷ ଏ ନେଇ ପଦକ୍ଷେପ ନନେବାରୁ ସାଧାରଣରେ ଅସନ୍ତୋଷ ତେଜିବାରେ ଲାଗିଛି । ତେବେ ସହରରେ ଲାଗିଥିବା ସମୁଦାୟ ହୋର୍ଡ଼ିଂକୁ ଯାଞ୍ଚ କରାଯାଇ ବୈଧତା ପାଇଥିବା ହୋର୍ଡ଼ିଂଗୁଡ଼ିକ ବ୍ୟତୀତ ଅବୈଧ ହୋର୍ଡ଼ିଂ ଗୁଡ଼ିକୁ ଉଚ୍ଛେଦ କରିବା, ସେମାନଙ୍କ ଠାରୁ ଜୋରିମାନା ଆଦାୟ କରିବା, ବକେୟା ରଖିଥିବା ସଂସ୍ଥାମାନଙ୍କ ଠାରୁ ଜୋରିମାନା ସହ ରାଜସ୍ୱ ଆଦାୟ କରିବା ପାଇଁ ସିଏମସି ପକ୍ଷରୁ ଅତୀତରେ ଯେଉଁ ନିୟମ ପ୍ରଣୟନ କରାଯାଇଥିବା ତାହା ଏବେ ଫାଇଲର ନାଲିଫିତା ତଳେ ଚପିଯାଇଥିବା ଅଭିଯୋଗ ଉଠିଛି । କଟକ ସହରରେ ଏବେ ଦେଖିବାକୁ ମିଳୁଛି ମାଳମାଳ ହୋର୍ଡ଼ିଂ । ଏହି ହୋର୍ଡ଼ିଂଗୁଡ଼ିକ ମଧ୍ୟରୁ ଆଇନସମ୍ମତ ହୋଇଥିବାବେଳେ ଆଉକେତେକ ବେଆଇନ ହୋର୍ଡ଼ିଂ ମଧ୍ୟ ଲଗାଇବାକୁ ବ୍ୟବସାୟିକ ପ୍ରତିଷ୍ଠାନ କର୍ତ୍ତୃପକ୍ଷ ପଛଘୁଞ୍ଚା ଦେଇନଥାନ୍ତି । ପୂର୍ବରୁ ସହରରେ ହୋର୍ଡ଼ିଂ ଲଗାଇବା ପାଇଁ ଅନୁମତି ନେଇଥିବା ସଂସ୍ଥାଗୁଡ଼ିକ ମଧ୍ୟରୁ କେତେକ ସଂସ୍ଥା ରାଜସ୍ୱ ଭରଣା କରିନଥିବାବେଳେ ଆଉକେତେକ ସ୍ଥାନରେ ସଂସ୍ଥାଗୁଡ଼ିକ ପକ୍ଷରୁ ବେଆଇନ ହୋର୍ଡ଼ିଂ ମଧ୍ୟ ଲଗାଯାଇଥିଲା । ଏନେଇ ସିଏମସିରେ ପୂର୍ବତନ କର୍ପୋରେଟରମାନେ ବାରମ୍ବାର ଅଭିଯୋଗ ଗ୍ରହଣ କରିବା ଯୋଗୁଁ ଅନେକ ବେଆଇନ ହୋର୍ଡ଼ିଂ ଉଚ୍ଛେଦ କରାଯାଇଥିଲା । ମାତ୍ର ହୋର୍ଡ଼ିଂ ବାବଦ ରାଜସ୍ୱ ଆଦାୟ କ୍ଷେତ୍ରରେ ଅଧିକାରୀମାନଙ୍କ କୋହଳ ମନୋଭାବ ଯୋଗୁଁ ସିଏମସି ରାଜସ୍ୱ ହରାଉଥିବା ଅଭିଯୋଗ ଉଠିଛି । ଚଳିତ ବର୍ଷ ହୋର୍ଡ଼ିଂ ପାଇଁ କୌଣସି ଟେଣ୍ଡର ଡକାଯାଇନଥିବାବେଳେ ଆସନ୍ତା ଆର୍ଥିକ ବର୍ଷରେ ଏହି ହୋର୍ଡ଼ିଂଗୁଡ଼ିକ ପାଇଁ ଟେଣ୍ଡର ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି ।

ସେହିଭଳି ସିଏମସି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ଗତବର୍ଷର ଲକ୍ଷ ଲକ୍ଷ ଟଙ୍କା ବାକି ପଡ଼ିଥିବା ଜଣାପଡ଼ିଛି । କେବଳ ବିଭାଗୀୟ ଅବହେଳା ଯୋଗୁଁ ସିଏମସି ଏହି ରାଜସ୍ୱ ପାଇବାରୁ ବଞ୍ଚିତ ହୋଇଛି । ଚଳିତ ବର୍ଷ ସହରର ବିଭିନ୍ନ ସ୍ଥାନରେ ହୋର୍ଡ଼ିଂ ଲଗାଇବା ପାଇଁ ୫୪ଟି ସଂସ୍ଥା ଅନୁମତି ନେଇଥିବା ଜଣାପଡ଼ିଛି । ସେମାନଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ନିଜସ୍ୱ ଘୋଷଣା ନାମା ଅନୁଯାୟୀ ସହରରେ ମୋଟ ୨ଲକ୍ଷ ୯୫ହଜାର ୫୨୨ବର୍ଗଫୁଟର ହୋର୍ଡ଼ିଂ ରହିଛି । ସେଥିରୁ ଗ୍ରାଉଣ୍ଡ ହୋର୍ଡ଼ିଂ ପ୍ରାୟ ୧ଲକ୍ଷ ୭୫ହଜାର ୫୫୨ ବର୍ଗଫୁଟ ରହିଥିବାବେଳେ ରୁଫଟପ୍ ହୋର୍ଡ଼ିଂ ପ୍ରାୟ ୧ଲକ୍ଷ ୨୦ହଜାର ବର୍ଗ ଫୁଟର ରହିଛି । ତେବେ ବିଭାଗୀୟ ସୂଚନା ଅନୁଯାୟୀ ହୋର୍ଡ଼ିଂକ୍ଷେତ୍ରରେ ଗତବର୍ଷ ୮୨ଲକ୍ଷ ଟଙ୍କା ବକେୟା ରହିଥିବାବେଳେ ସେଥିରୁ ୫୨ଲକ୍ଷ ଟଙ୍କା ଆଦାୟ କରାଯାଇଛି । ତେବେ ଚଳିତ ବର୍ଷ ପୂର୍ବ ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୫୦ଲକ୍ଷ ଟଙ୍କା ଅଧିକ ରହିଛି । ଏହି ବକେୟା ରାଶି ଓ ଚଳିତ ବର୍ଷର ସମସ୍ତ ରାଜସ୍ୱ ଆସନ୍ତା ମାର୍ଚ୍ଚମାସ ସୁଦ୍ଧା ପଇଠ କରିବାକୁ ଥିବାବେଳେ ଡିସେମ୍ବର ୧ ତାରିଖ ସୁଦ୍ଧା ୯୦ଲକ୍ଷ ଆଦାୟ ହୋଇଥିବା ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଏଥିରେ ଅନେକ ଅନିୟମିତତା ରହିଥିବା ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସତକୁ ଲୁଚାଇବାକୁ ଚେଷ୍ଟା କରୁଥିବା ବହୁ ପୂର୍ବତନ କର୍ପୋରେଟରମାନେ ଅଭିଯୋଗ ଆଣିଛନ୍ତି । ସୂଚନା ଅନୁଯାୟୀ, ଗତବର୍ଷ ସହରରେ ୪୨ଟି କମ୍ପାନୀ ପ୍ରାୟ ୩ଲକ୍ଷ ୫୧ହଜାର ବର୍ଗଫୁଟ ଅଞ୍ଚଳରେ ହୋର୍ଡ଼ିଂ ଲଗାଇଥିବାବେଳେ ଚଳିତ ବର୍ଷ କମ ହୋର୍ଡ଼ିଂ କିପରି ହିସାବ ଦିଆଯାଉଛି ବୋଲି ଅଭିଯୋଗ ହୋଇଛି । ସେହିଭଳି ୨୦୧୭-୧୮ ଆର୍ଥିକ ବର୍ଷରେ ୨କୋଟି ୫ଲକ୍ଷ ଆଦାୟ ହୋଇଥିବାବେଳେ ୧କୋଟି ୨୬ଲକ୍ଷ ଟଙ୍କା ବକେୟା ରହିଛିଥିଲା । ତେବେ ଏ ନେଇ ସିଏମସି ରାଜସ୍ୱ ହ୍ରାସ ହେଉଥିବାରୁ ସିଏମସି ପକ୍ଷରୁ ହୋର୍ଡ଼ିଂଗୁଡ଼ିକର ପ୍ରତ୍ୟେକ୍ଷ ଯାଞ୍ଚ ଆରମ୍ଭ ହୋଇଥିଲା । ଫଳରେ ବହୁ ବେଆଇନ ହୋର୍ଡ଼ିଂ ଧରାପଡ଼ିବା ସହ ୫୨ଟି ହୋର୍ଡ଼ିଂ ସଂସ୍ଥା ମଧ୍ୟରୁ ୩୯ଟି ସଂସ୍ଥା ଉପରେ ୧କୋଟି ୨୭ଲକ୍ଷ ଟଙ୍କା ଅନାଦେୟ ରହିଥିବା ଜଣାପଡ଼ିଥିଲା । ତେବେ ସେମାନଙ୍କୁ ତୁରନ୍ତ ପଇଠ କରିବା ଏବଂ ନିର୍ଦ୍ଧାରିତ ସମୟସୁଧା ନଦେଲେ ୨୦ଗୁଣ ଜୋରିମାନା ଆଦାୟ କରିବା ପାଇଁ ଚେତାବନୀ ଦିଆଯାଇଥିଲା । ମାତ୍ର ଅସାଧୁ ହୋର୍ଡ଼ିଂ ସଂସ୍ଥା ଦେୟ ପଇଠ କରିବା ପରିବର୍ତ୍ତେ ନ୍ୟାୟାଳୟର ଦ୍ୱାରସ୍ଥ ହେବାକୁ ପାଲଟା ଧମକ ଦେବାରେ ସିଏମସିର ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନଥିବା ଚର୍ଚ୍ଚା ହେଉଛି । ସେହିଭଳି ୨୦୧୫-୧୬ ଆର୍ଥିକ ବର୍ଷରେ ସିଏମସି ହୋର୍ଡ଼ିଂ ବାବଦରେ ମାତ୍ର ୭୨ଲକ୍ଷ ଟଙ୍କା ଆଦାୟ ହେଉଥିବାବେଳେ ୨୦୧୬-୧୭ରେ ତତ୍କାଳୀନ କାଉନସିଲରେ କର୍ପୋରେଟରମାନେ ହୋହାଲ୍ଲା କରିବାକୁ ଏଥିରେ କଡ଼ାକଡ଼ି ପଦକ୍ଷେପ ନେବା ଫଳରେ ଏହା ୨କୋଟି ୧୦ଲକ୍ଷ ୫୬ହଜାର ଟଙ୍କାକୁ ବୃଦ୍ଧି ପାଇଥିଲା । ତେଣୁ ସମ୍ପ୍ରତି ସିଏମସିର ଅଧିକାରୀ ଓ କର୍ମଚାରୀମାନେ ହୋର୍ଡ଼ିଂ ଉପରେ ରାଜସ୍ୱ ଆଦାୟକୁ ନେଇ ତତ୍ପରତା ପ୍ରକାଶ କରୁନଥିବା ଯୋଗୁଁ ସିଏମସି ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଥିବା ପୂର୍ବତନ କର୍ପୋରେଟର ନୀରୋଦ ଚନ୍ଦ୍ର ପଣ୍ଡା, ନରୋତ୍ତମ ଦାସ, ଜୟଦେବ ଜେନା, ନମିତା ଦାସ, ଅରୁଣ କୁମାର ସେଠୀ, ଗିରିବାଳା ବେହେରା ପ୍ରମୁଖ ଅଭିଯୋଗ ଉଠାଇବା ସହ ଏ ନେଇ ବିଭାଗୀୟ ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କ ସମେତ ୫ଟି ସଚିବ ଗୁରୁତ୍ୱ ଦେବାକୁ ଦାବି ହେଉଛି ।

## ଅସହାୟ, ଗରିବଙ୍କ ଦେବଦୂତ 'ରଞ୍ଜନ'



**କଟକ(ଏନ୍.ଏମ୍.):** କରୋନା ମୁକାବିଲା ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ ଜାରି ହୋଇ ଥିବାବେଳେ ଅସହାୟ ଗରିବଙ୍କ ପାଇଁ ଦେବଦୂତ ସାଜିଛନ୍ତି ପୂର୍ବତନ କର୍ପୋରେଟର ତଥା ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ସଂଯୋଜକ ରଞ୍ଜନ କୁମାର ବିଶ୍ୱାଳ । ଏହି ରୋଗରୁ ଜୀବନ ବଞ୍ଚାଇବାକୁ ଯାଇ ଜୀବିକା ହରାଇଛନ୍ତି ଶହଶହ ଗରିବ, ଅସହାୟ ଓ ଦିନମଜୁରୀଆଙ୍କ ପରିବାର । ଦୀର୍ଘ ଦିନ ଧରି କାମ ଧନ୍ଦା ହରାଇ ଏହି ଗରିବ ଦିନମଜୁରୀଆମାନେ ମୁଣ୍ଡରେ ହାତ ଦେଇ ଥିବାବେଳେ ସହାୟତାର ହାତ ବଢ଼ାଇ ଶ୍ରୀ ବିଶ୍ୱାଳ ସେମାନଙ୍କ ମୁହଁରେ ଟେନାଏ ହସ ଫୁଟାଇ ପାରିଥିଲେ । ସେ ପେଷା ଓ ନିଶା ସବୁକିଛି ଭୁଲିଯାଇ ଅସହାୟଙ୍କୁ ଖାଦ୍ୟ, ବସ୍ତ୍ର ଠାରୁ ଆରମ୍ଭ କରି ବିଭିନ୍ନ ସହାୟତା ଯୋଗାଇଦେଇଥିଲେ । ପୁନଶ୍ଚ ଲକ୍‌ଡାଉନ ସମୟରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ସେ ଲାଗି ପଡ଼ିଥିଲେ ରକ୍ତ ସଂଗ୍ରହ କ୍ଷେତ୍ରରେ । କେବଳ ସେତିକି ନୁହେଁ କଟକ ସହରରେ ବହୁବାର ରକ୍ତଦାନ ଶିବିର, ଭ୍ରାମ୍ୟମାଣ ରକ୍ତଦାନ ଶିବିର ଓ ପ୍ଲାଜମା ଦାନ କ୍ଷେତ୍ରରେ ତାଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ । ହଜାର ହଜାର ଛାତ୍ର ଓ ଯୁବକମାନଙ୍କୁ ରକ୍ତଦାନ କ୍ଷେତ୍ରରେ ସାମିଲ ହେବାକୁ ପ୍ରବର୍ତ୍ତାଇ ରକ୍ତଭଣ୍ଡାର ପାଇଁ ହଜାର ହଜାର ୟୁନିଟ୍ ରକ୍ତ ସଂଗ୍ରହ କରାଇ ପାରିଛନ୍ତି । ସେ ଗରିବଙ୍କ ଓଠରେ ହସ ଫୁଟାଇବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । କେବଳ ସିଏମସି ୨୪ ନମ୍ବର ୱାର୍ଡ଼ ନୁହେଁ ସହରର ବିଭିନ୍ନ ଅଞ୍ଚଳରେ ଲୋକଙ୍କ ରିଲିଫ ପ୍ରଦାନ କରି ସମସ୍ତଙ୍କ ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି ।

ଶ୍ରୀ ବିଶ୍ୱାଳ ଜଣେ ବିଜେଡ଼ି ଦଳର ଲୋକପ୍ରିୟ କର୍ମୀ ହୋଇ ଥିବାବେଳେ ଏ ସମୟରେ ଭୁଲିଯାଇଛନ୍ତି ଦଳ, ଗୋଷ୍ଠୀ, ସଂଗଠନ । ଗରିବମାନଙ୍କ ପେଟର ଭୋକ ତାଙ୍କୁ ସବୁକିଛି ଭୁଲାଇ ଦେଇଛି । କରୋନା ପାଇଁ ଲକ୍‌ଡାଉନ ସମୟରେ ସେ ଧାଇଁ ଯାଉଥିଲେ ଗରିବ, ଅସହାୟ, ଦିନମଜୁରିଆ ପରିବାର ପେଟକୁ ଦାନା ଦେଇ ମୁହଁରେ ଟିକେ ହସ ଫୁଟାଇବା ପାଇଁ । ଭୋକ ଉପାସରେ ରହିଥିବା ପରିବାର ନିକଟକୁ ଯାଇ ଶୁଖିଲା ଖାଦ୍ୟ, ରନ୍ଧାଖାଦ୍ୟ, ରାସନ ସାମଗ୍ରୀ ହାତରୁ କିଣି ବିତରଣ କରୁଥିବାବେଳେ କରୋନା ମୁକାବିଲା ପାଇଁ ଆବଶ୍ୟକ ସରଞ୍ଜାମ ବିତରଣ କରି ଅସହାୟଙ୍କୁ ସହାୟତା ଯୋଗାଇଦେଇଥିଲେ । ସହରରେ ଅସହାୟ ବ୍ୟକ୍ତିଙ୍କ ସମେତ, ରାଜ୍ୟବାହାରୁ ରହିଯାଇଥିବା ଶ୍ରମଜୀବୀ ଓ ଅସହାୟମାନଙ୍କୁ ରିଲିଫ ପ୍ରଦାନ କରିବା ଏବଂ ପ୍ରବାସୀ ଶ୍ରମିକମାନଙ୍କୁ ରାସ୍ତାରେ ଖାଦ୍ୟପାନୀୟର ବ୍ୟବସ୍ଥା କରିଥିଲେ । ବିଶେଷ କରି ରକ୍ତଦାନ କରି କରୋନା ମୁକାବିଲା ତଥା ଲକ୍‌ଡାଉନ ସମୟରେ ସେ ଗରିବଙ୍କ ଦେବଦୂତ ସାଜିଥିବା ଯୋଗୁଁ ତାଙ୍କୁ ଦଳ, ଗୋଷ୍ଠୀ ନିର୍ବିଶେଷରେ ସହରର ବୁଦ୍ଧିଜୀବୀମାନେ ଭୂୟସୀ ପ୍ରଶଂସା କରିଛନ୍ତି ।

### ଓଲାଶୁଣୀର ସ୍ୱତନ୍ତ୍ର ସଂକଳନ ଉନ୍ମୋଚିତ

## ଯୁବସ୍ରଷ୍ଟାମାନେ ସାହିତ୍ୟ ଓ ସଂସ୍କୃତିମନସ୍କ ହୁଅନ୍ତୁ: ଆରଡିସି



**କଟକ (ଏନ୍.ଏମ୍.):** ମାତୃଭୂମି ଓ ମାତୃଭାଷା ପ୍ରତି ଆଦର ଓ ସମ୍ମାନ ରହିଲେ ଆମ ସାହିତ୍ୟ ଓ ସଂସ୍କୃତି ସମୃଦ୍ଧ ହେବ । ବିଶେଷ କରି ନିଜ ଅଞ୍ଚଳର ଗୌରବମୟ କୀର୍ତ୍ତି, ଐତିହ୍ୟ ଓ ପରମ୍ପରା ସମ୍ପର୍କରେ ଯୁବସ୍ରଷ୍ଟାମାନେ ସଚେତନତା ହେବା ସହିତ ଲେଖନୀ ଚାଳନା କରିବା ଉଚିତ ବୋଲି କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ ପ୍ରକାଶ କରିଛନ୍ତି ।

ସାଂସ୍କୃତିକ ଓ ସାମଜିକ ସଂଗଠନ ସନ୍ଥ ଅରକ୍ଷିତ ଦାସ ଫାଉଣ୍ଡେସନ ପକ୍ଷରୁ ସୃଜନଶୀଳ ପତ୍ରିକା ଓଲାଶୁଣୀର ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସାମଲ କହିଲେ ଯେ, ଏହି ପୀଠ ସହିତ ପିଲାଦିନର ଆବେଗମୟ ସମ୍ପର୍କ ରହିଛି । ରାଜ୍ୟର ଏହି ପ୍ରମୁଖ ସାଂସ୍କୃତିକ ଓ ପର୍ଯ୍ୟଟନ ପୀଠର ବିକାଶ ପାଇଁ ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ । ଫାଉଣ୍ଡେସନ ଅଧ୍ୟକ୍ଷ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ବରିଷ୍ଠ ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଲାଶୁଣୀ ପୀଠର ସାମଗ୍ରିକ ବିକାଶ ଆମ ସମସ୍ତଙ୍କ ଏକ ନୈତିକ କର୍ତ୍ତବ୍ୟ । ବିଶିଷ୍ଟ ସନ୍ଥ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଆର୍ଶୀବଚନ ପ୍ରଦାନ କରିଥିଲେ । ଓଲାଶୁଣୀ ଗୁମ୍ଫା ଉନ୍ନୟନ ନ୍ୟାସର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଟ୍ରଷ୍ଟି ତଥା ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ରନାଥ ସାମଲ, ଦାମୋଦର ସ୍ୱାଇଁ, ସାମ୍ବାଦିକ ସୁମନ୍ତ କୁମାର ଭୂୟାଁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ଓଲାଶୁଣୀର ଏକ ସ୍ୱତନ୍ତ୍ର ସଂକଳନକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ବିଜୟ କୁମାର ଖଣ୍ଡାୟତରାୟ, ଲୋକସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ଅଶୋକ ଷଡ଼ଙ୍ଗୀ, ଗାଳ୍ପିକ ଶରତ କୁମାର ସାହୁ, ସ୍ୱାମୀ ସତ୍ୟଚୈତନ୍ୟ, ଗଗନବିହାରୀ ଦାଶ, ବିଦେଶୀ ମହାକୁଡ଼ ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ । ଯୁବ ସମାଜସେବୀ ଶ୍ରୀକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ ।

# କଟକରେ ରାଜ୍ୟସ୍ତରୀୟ ଶିଳ୍ପୀ ମହୋତ୍ସବ

**କଟକ(ଏନ୍.ଏମ୍):** ଚିତ୍ରକଳା ଓ ଚିତ୍ର ଶିଳ୍ପୀମାନଙ୍କର ସାମାଜିକ ଦାୟିତ୍ୱବୋଧ ଜୀବନକୁ ସରସ ଓ ସୁନ୍ଦର କରିଥାଏ । ଶିଳ୍ପୀମାନେ ଜୀବନ ଜଗତକୁ ବୁଝି ଭାବ ନିର୍ଯ୍ୟାସକୁ ଯେପରି ଚିତ୍ରରୂପ ଦିଅନ୍ତି, ତାହା ଅତୁଳନୀୟ ବୋଲି କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପ୍‌ର ଦୁଇଦିନିଆ କର୍ମଶାଳାରେ ମତପ୍ରକାଶ ପାଇଛି ।



ଉତ୍କଳ ସାହିତ୍ୟ ସମାଜ ପରିସର ସାହିତ୍ୟ ଭବନ ସଭାଗୃହରେକ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପଦ୍ୱାରା ଦୁଇଦିନିଆ ଶିଳ୍ପୀ ମହୋତ୍ସବ ଉଦ୍‌ଯାପିତ ହୋଇ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ସାମ୍ବାଦିକ ଅରୁଣ କୁମାର ପଣ୍ଡା ସଭାପତିତ୍ୱ କରି କହିଲେ ଯେ, ଚିତ୍ରଦ୍ୱାରା ସାହିତ୍ୟ ଚିତ୍ରାୟିତ ହୁଏ । ଜୀବନ ରଙ୍ଗପୂର୍ଣ୍ଣ ହୁଏ । ତେଣୁ ଚିତ୍ରଶିଳ୍ପୀମାନଙ୍କର ଦାୟିତ୍ୱ ଖୁବ୍ ବେଶୀ । ମୁଖ୍ୟଅତିଥି ଭାବେ କିସ୍ ବିଶ୍ୱବିଦ୍ୟାଳୟର ଗୋପବନ୍ଧୁ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ଚିତ୍ର ଜୀବନକୁ ଆଲୋକିତ କରିଥାଏ; ଏବଂ କ୍ରିଏଟିଭ୍ ଆର୍ଟିଷ୍ଟ ଗ୍ରୁପର ନିରନ୍ତର ଉଦ୍ୟମ ଓଡ଼ିଶାର ଚିତ୍ର ଜଗତକୁ ସମୃଦ୍ଧ କରିଛି ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ ମନୋଜ ପଟ୍ଟନାୟକ ଯୋଗଦେଇ କହିଲେ ଯେ, ଏହି କର୍ମଶାଳା ତରୁଣ ପିଢ଼ିକୁ ଉତ୍ସାହିତ କରିବ । ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ଲଳିତକଳା ଏକାଡେମୀର ପ୍ରାକ୍ତନ ସଚିବ ରବିନାରାୟଣ ରଥ ଯୋଗଦେଇ ଚିତ୍ରକୁ ଚିତ୍ରଶିଳ୍ପୀସହ ଯୋଡ଼ିବାର କର୍ମଶାଳା ଓ ଆଲୋଚନା ଚକ୍ର ସବୁବେଳେ ଆବଶ୍ୟକତା ରହିଛି । ଗ୍ରୁପ୍‌ର ସଭାପତି ମହେନ୍ଦ୍ର ପ୍ରସାଦ ମହାପାତ୍ର ଶିଳ୍ପୀ ମହୋତ୍ସବର ସଫଳତା ଅନେକ ନୂତନ ଶିଳ୍ପୀଙ୍କୁ ପଥ ନିର୍ଦ୍ଦେଶ କରିଛି ବୋଲିକହିଥିଲେ । ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଓ ଗୀତିକାର ପ୍ରଭାଂଶୁ ସାମନ୍ତରାୟ ଅନ୍ୟତମ ଅତିଥିଭାବେ ଯୋଗଦେଇ ଚିତ୍ରକୁ ଦେଖିଲେ ଆନନ୍ଦମିଳେ ସତ କିନ୍ତୁ ବ୍ୟବସାୟିକ ଦିଗପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଗ୍ରୁପ ସମ୍ପାଦକ ଚିତ୍ରଶିଳ୍ପୀ ଶଶିକାନ୍ତ ରାଉତ ଶିଳ୍ପୀ ମହୋତ୍ସବର ଉଦ୍ଦେଶ୍ୟ ବର୍ଣ୍ଣନା କରିଥିଲେ । ଏହି ମହୋତ୍ସବ ଗତକାଲି ପୂର୍ବାହ୍ଣରେ ଓଡ଼ିଶା ଲଳିତକଳା ଏକାଡେମୀ ସଚିବ ଗଜେନ୍ଦ୍ର ପ୍ରସାଦ ସାହୁଙ୍କ ଦ୍ୱାରା ସାହିତ୍ୟ ଭବନରେ ଉଦ୍‌ଘାଟିତ ହୋଇଥିଲା । ଏହି କର୍ମଶାଳାରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ୪୦ରୁ ଅଧିକ ଚିତ୍ରଶିଳ୍ପୀ ଅଂଶ ଗ୍ରହଣ କରିଥିଲେ । ଡାକ୍ତର ଯଦୁନାଥ ପ୍ରସାଦ ଦାସ, ଲକ୍ଷ୍ମୀଧର ରଣା, ବିଜୟ କୁମାର ସାହୁ, କୈଳାସ ଚନ୍ଦ୍ର ରଣା, ବିମ୍ବାଧର କୁଅଁର, ସୁଜିତ ସ୍ୱାଇଁ, ପ୍ରବୋଧ କୁମାର ସାହୁ, ଦୀପକ ମିଶ୍ର, ପୀତାମ୍ବର ନାୟକ, ବବିତା ସାହୁ, ତେଜସ୍ୱିନୀ ସାମନ୍ତସିଂହାର, ପଦ୍ମଜା ନାୟକ, ରଶ୍ମି ମିଶ୍ର, ଦୀପ୍ତିମୟୀ ପାଢ଼ୀ, ସୌଭାଗ୍ୟ ମହାପାତ୍ର, ପ୍ରତିମା ମିଶ୍ର, ପ୍ରଶାନ୍ତ ମିଶ୍ର, ପ୍ରମିତା ମଙ୍ଗରାଜ, ସ୍ମିତପ୍ରଜ୍ଞା ବେହେରା, ଆରତୀ ପଟ୍ଟନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ଦୀପକ ମିଶ୍ର ଧନ୍ୟବାଦ ଦେଇଥିଲେ ।

## ଅପମିଶ୍ରଣକାରୀଙ୍କ ଭୂସ୍ୱର୍ଗ କଟକ : ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି

**କଟକ(ଏନ୍.ଏମ୍):** ଅପମିଶ୍ରଣକାରୀଙ୍କ ଭୂସ୍ୱର୍ଗ ପାଲଟିଛି କଟକ । ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି ଠାରୁ ଘରତିଆରି ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଭେଜାଲ । ବର୍ଷ ବର୍ଷ ଧରି କଟକରେ ନକଲି ସାମଗ୍ରୀ ତିଆରି ହୋଇ କେବଳ କଟକ ନୁହେଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବିକ୍ରି ହେଉଥିବାର ଗୁମର ଏବେ ଫିଟିଛି । ଏହାକୁ ନେଇ ଜିଲ୍ଲାପ୍ରଶାସନ, କଟକ ମହାନଗର ନିଗମ ଓ ପୁଲିସ ପ୍ରଶାସନର ମୁଣ୍ଡବିନ୍ଧା ବଢ଼ିଯାଇଛି । ଖଜୁରୀଗଛର କିଗୁଣ ଗାଇବି ମୂଳରୁ ପାହାଚ ପାହାଚ ନୀତିରେ ପ୍ରଶାସନ ପକ୍ଷରୁ ଯେତେ ଚଢ଼ାଉ କରାଯାଉଥିଲେ ବି ଆହୁରି ନୂଆନୂଆ ନକଲି ସାମଗ୍ରୀ ପ୍ରସ୍ତୁତ କାରୀ କାରଖାନା ଦୃଷ୍ଟିକୁ ଆସୁଛି ।



କଟକ ଜିଲ୍ଲାର ଜଗତପୁର ଠାରେ ପ୍ରଥମେ ନକଲି ସସ୍ ତିଆରି କାରଖାନା ଉପରେ ଚଢ଼ାଉ ହେବା ପରେ ଚୌଦ୍ୱାର ଅଞ୍ଚଳରେ ମଧ୍ୟ ନକଲି ସସ ତିଆରି ହେବା ଜଣାପଡ଼ିଥିଲା । ଏହାପରେ ଜିଲ୍ଲାରେ ଆରମ୍ଭ ହୋଇଛି ନକଲି ସାମଗ୍ରୀ କାରଖାନାରେ ଚଢ଼ାଉ ଅଭିଯାନ । ଏପରିକି ନକଲି ଘିଅ, ଗଙ୍ଗାଜଳ, ପାନଗୁଟୁଖା, ସିମେଣ୍ଟ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ, ବିଭିନ୍ନ ମସଲା, ଖାଇବା ତେଲ ଆଦି ନକଲି ସାମଗ୍ରୀ ତିଆରି ହେଉଥିବା ପ୍ରଶାସନ ଜାଣିବାକୁ ପାଇଥିଲା । ଏପରିକି ନାମୀଦାମୀ କମ୍ପାନୀ ନାମରେ ମଧ୍ୟ ଏହି ସାମଗ୍ରୀ ପ୍ରସ୍ତୁତ କରାଯାଇ ବଜାରକୁ ଛଡ଼ା ଯାଉଥିଲା । ଏପରିକି କଟକର ବ୍ୟବସାୟର ମୁଖ୍ୟସ୍ଥଳ କୁହାଯାଉଥିବା ମାଲଗୋଦାମ ଅଞ୍ଚଳରେ ମଧ୍ୟ ଏଭଳି ବହୁ ନକଲି ସାମଗ୍ରୀ ପ୍ରସ୍ତୁତକାରୀ କାରଖାନା ଉପରେ ଚଢ଼ାଉ କରାଯାଇ ଏଠାରେ କିଭଳି ନକଲି ଖାଇବା ସାମଗ୍ରୀ ତିଆରି ହେଉଥିଲା ତାହାର ପର୍ଦ୍ଦାଫାସ କରିଥିଲା । ହଳଦୀଗୁଣ୍ଡ ଓ ଲଙ୍କା ଗୁଣ୍ଡ ପାଇଁ ପୋକରା ଚାଉଳ ମିଶ୍ରିତ କରାଯାଇ ରାସାୟନିକ ରଙ୍ଗ ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଉଥିଲା । କେବଳ ସେତିକି ନୁହେଁ ଖାଦ୍ୟ ସାମଗ୍ରୀ ସହ ଅଖାଦ୍ୟ ସାମଗ୍ରୀ ମଧ୍ୟ ଅପମିଶ୍ରିତ ହେବା ଭଳି ଚାଞ୍ଚଲ୍ୟକର ଖବର ପଦାକୁ ଆସିବା ବେଳକୁ ଆଉଏକ ଘଟଣା ଲୋକଙ୍କୁ ଅଧିକ ଭୟଭୀତ କରିଛି । କଟକ ସହରରେ ନକଲି ପନିର ମଧ୍ୟ ବିକ୍ରି ହେଉଥିବା ଆଜି ପ୍ରଶାସନ ପକ୍ଷରୁ ଜଣାପଡ଼ିଛି । ସ୍ଥାନୀୟ ଚାଉଳିଆଗଞ୍ଜ ଅଞ୍ଚଳର ଏକ ଦୋକାନରେ ନକଲି ତଥା ଅପମିଶ୍ରିତ ପନିର ବିକ୍ରି ହେଉଥିବା ଧରା ପଡ଼ିବା ପରେ ଜନସାଧାରଣ ସମ୍ପୂର୍ଣ୍ଣ ଆତଙ୍କିତ ହୋଇପଡ଼ିଛନ୍ତି । ତେବେ ଏହି ପନିର କଲିକତାରୁ ଆସୁଥିବା ସିଏମସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏ ନେଇ ପ୍ରଶାସନ ପକ୍ଷରୁ ନିୟମିତ ଚଢ଼ାଉ କରାଯାଇ ନକଲି ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀକୁ ସିଲ କରାଯିବା ସହ ଅପମିଶ୍ରିତ ସାମଗ୍ରୀକୁ ଜବତ କରାଯାଇଛି । ତେବେ ଏଭଳି ନକଲି ବା ଅପମିଶ୍ରିତ ସାମଗ୍ରୀ ପ୍ରସ୍ତୁତକରି ବିକ୍ରିକରିବାର ଅର୍ଥ ଜନସାଧାରଣଙ୍କୁ ଜହର ଦିଆଯାଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିବା ସହ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ଉପରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି ।

## ସିଏମ୍‌ସିରେ ଆବାସ ଯୋଜନା ଦିଗହରା : ଘରଭାଙ୍ଗି ଦେଇ ହିତାଧିକାରୀ ନିରାଶ

**କଟକ(ଏନ୍.ଏମ୍.):** କଟକ ମହାନଗର ନିଗମରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବେ ଦିଗହରା ହୋଇଥିବା ଅଭିଯୋଗ ଉଠିଛି । ଏହି ଯୋଜନାରେ ବହୁ ହିତାଧିକାରୀ ନିଗମର ବେପରୁଆ ମନୋଭାବ ଯୋଗୁ ନିଜର ଘର ଭାଙ୍ଗି ଏବେ ଶୀତ କାକରରେ ଖୋଲା ଆକାଶ ତଳେ ଦିନ ବିତାଇବାକୁ ବାଧ ହେଉଥିବା ଦେଖିବାକୁ ମିଳିଛି । ତେବେ ନିଗମର କିଛି ନ୍ୟସ୍ତସ୍ୱାର୍ଥ କର୍ମଚାରୀଙ୍କ ଲାଞ୍ଚଖୋର ମନୋଭାବ ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ସରକାରଙ୍କ ଜନହିତକର ଯୋଜନାରୁ ବଞ୍ଚିତ ହେଉଥିବାବେଳେ କିଛି ହିତାଧିକାରୀ କାର୍ଯ୍ୟାଦେଶ ପାଇ ମଧ୍ୟ ହତାଶ ହୋଇଥିବା ଦେଖିବାକୁ ମିଳିଛି । ଏହି କ୍ରମରେ ସିଏମ୍‌ସି ୱାର୍ଡ଼ ନଂ-୫୭ ଅର୍ନ୍ତଗତ ଶ୍ରୀକୋରୁଆଁ ଗ୍ରାମର ସନ୍ତୋଷ କୁମାର ନାୟକ ଜଣେ ଦିନ ମଜୁରିଆ ହୋଇଥିବାରୁ ସେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘରଟିଏ ପାଇଁ ସତ୍ୟପାଠ ସହିତ ସମସ୍ତ କାଗଜାତ ନିଗମ କାର୍ଯ୍ୟାଳୟରେ ଆବେଦନ କରିଥିଲେ । ଏହାପରେ ନିଗମ ପକ୍ଷରୁ ଅନୁଧ୍ୟାନ କରାଯିବା ସହ କାଗଜପତ୍ର ଯାଞ୍ଚ କରାଯିବା ପରେ ଶ୍ରୀ ନାୟକଙ୍କୁ ଆବାସ ଯୋଜନାରେ ଘର ନିର୍ମାଣ ନିମନ୍ତେ ଗତ ୨୫ ଫେବୃୟାରୀ ୨୦୧୯ରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । କାର୍ଯ୍ୟାଦେଶ ପାଇବା ପରେ ଶ୍ରୀ ନାୟକ ନିଜର ବାସଗୃହକୁ ନିଗମର ନିର୍ଦ୍ଦେଶାନୁସାରେ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ ଓ ଧାର କରଜ କରି ଗୃହ ନିର୍ମାଣ ନିମନ୍ତେ ନିଅଁ ଖୋଳିଥିଲେ । ଏହାପରେ ନିଗମ ପକ୍ଷରୁ ଦାୟୀତ୍ୱରେ ଥିବା କନିଷ୍ଠ ଗୋଷ୍ଠୀ ସଂଗଠିକା ବିଶ୍ୱମୈତ୍ରୀ ମିଶ୍ର ଓ ବରିଷ୍ଠ ଗୋଷ୍ଠୀ ସଂଗଠକ ରଂଜନ କୁମାର ବେହେରାଙ୍କ ନିର୍ଦ୍ଦେଶ ପରେ ନିଅଁ ଖୋଳା, ଫଟୋ ଉଠା ସହିତ ସମସ୍ତ ତଥ୍ୟ ଦାଖଲ କରିବା ସତ୍ତ୍ୱେ କାର୍ଯ୍ୟାଦେଶ ପାଇବାର ୧୦ ମାସ ବିତିଯାଇଥିଲେ ସୁଦ୍ଧା ଦୁଇ ଗୋଷ୍ଠୀ ସଂଗଠକ ଭିନ୍ନ ଉଦ୍ଦେଶ୍ୟ ରଖି ଶ୍ରୀ ନାୟକଙ୍କୁ ବାରମ୍ବାର କାର୍ଯ୍ୟାଳୟକୁ ଦୌଡ଼ାଇ ଦୌଡ଼ାଇ ନିରାଶ କରୁଥିବାରୁ ସେ ବର୍ତ୍ତମାନ ଖୋଲା ଆକାଶ ତଳେ ନିଜ ପରିବାର ସହିତ ଜୀବନ ବିତାଉଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ସାଧାରଣ ଲୋକଟିଏ ସରକାରୀ ସହାୟତା ପାଇ ଘର ତିଆରି କରିବା ପାଇଁ ଥିବା ଝଟିମାଟି ଘରଟିକୁ ଭାଙ୍ଗିଦେଇଥିବାବେଳେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଖାମଖିଆଲି ନୀତି ଯୋଗୁଁ ସେ ବାସହରା ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନ ଧରି ଖରା ବର୍ଷା ଶୀତ କାକରରେ ଅତିଦୟନୀୟ ଭାବେ କାଳାତିପାତ କରୁଥିବାବେଳେ ବିଭାଗୀୟ ଅଧିକାରୀଙ୍କ ଏଥିପ୍ରତି ଦୃଷ୍ଟି ପଡୁନଥିବା ନେଇ ଅଞ୍ଚଳରେ ଅସନ୍ତୋଷ ତେଜିବାରେ ଲାଗିଛି । ତେବେ ସମସ୍ତ ହିତାଧିକାରୀମାନଙ୍କୁ ଉଚିତ ସମୟରେ ସରକାରୀ ସହାୟତା ଯୋଗାଇ ଦିଆନଗଲେ ଆନ୍ଦୋଳନ ତିବ୍ରତର ହେବ ବୋଲି ବିଭିନ୍ନ ସାମାଜିକସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।

ନିଷ୍କର୍ଷ NISHKARSHA




## ନିଷ୍କର୍ଷର ଆଭିମୁଖ୍ୟ

ବହୁ ଘାତ ପ୍ରତିଘାତ ମଧ୍ୟରେ ନିଷ୍କର୍ଷ ବଞ୍ଚି ରହିଛି । କରୋନାର ମାଡ଼ରେ ନିଷ୍କର୍ଷ ଦୋହଲି ଯାଇଥିଲେ ମଧ୍ୟ ନିଜର ମୌଳିକତାକୁ ବଞ୍ଚାଇ ରଖିବା କ୍ଷେତ୍ରରେ କକ୍ଷଚ୍ୟୁକ୍ତ ହୋଇ ନାହିଁ । ଅଗଣିତ ପାଠକଙ୍କ ସ୍ନେହ ଶ୍ରଦ୍ଧାକୁ ପାଥେୟ କରି ନିଷ୍କର୍ଷ ନିଜର ସତ୍ତା ବଞ୍ଚାଇ ରଖିଛି । ଗଣମାଧ୍ୟମ କୌଣସି ଗୋଷ୍ଠୀ କିମ୍ବା ରାଜନୈତିକ ଦଳର ମୁଖପତ୍ର ନହୋଇ ସାଧାରଣ ଜନତାଙ୍କ ସ୍ୱର ହେବା ଆବଶ୍ୟକ ଥିବାରୁ ଏହି ପ୍ରୟାସ ଆମ୍ଭର ଜାରି ରହିବ । ବିଭିନ୍ନ ନକରାତ୍ମକ ଘଟଣା ମଧ୍ୟରେ ସକରାତ୍ମକକୁ ଖୋଜି ବାହାର କରିବା ଏବଂ ସମାଜକୁ ଅବଗତ କରି ଆଗାମୀ ଦିନକୁ ଶୃଙ୍ଖଳିତ କରିବାରେ ନିଷ୍କର୍ଷ ନିଜର ପ୍ରୟାସ ଜାରି ରଖିଛି । ସମ୍ପ୍ରତି ଗଣମାଧ୍ୟମର ଆକାର ଓ ପ୍ରକାରରେ ଅନେକ ପରିବର୍ତ୍ତନ ଓ ବିବର୍ତ୍ତନ ଘଟିଛି ସତ ମାତ୍ର ନିଷ୍କର୍ଷ ମୂଳ ଆଭିମୁଖ୍ୟକୁ ଅପରିବର୍ତ୍ତିତ ରଖିବା ପାଇଁ ଅଙ୍ଗୀକାରବଦ୍ଧ । ଛପା ଅକ୍ଷରର ବିଶ୍ୱସନୀୟତା ଉପରେ ଗୁରୁତ୍ୱ ରଖି ସମ୍ପୂର୍ଣ୍ଣ ନିରପେକ୍ଷ ଭାବେ ପ୍ରଶାସନର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ଏବଂ ଜନସାଧାରଣଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଆମ୍ଭର ମୁଖ୍ୟ ଲକ୍ଷ୍ୟ । ତେବେ ବହୁ ବିଶିଷ୍ଟ ବୁଦ୍ଧିଜୀବୀଙ୍କ ମତରେ ଗଣମାଧ୍ୟମ ଗଣତନ୍ତ୍ରର କେବଳ ଚତୁର୍ଥସ୍ତମ୍ଭ ନୁହେଁ ଏହା ହେଉଛି ଆମ୍ଭ ସାମାଜିକ ବ୍ୟବସ୍ଥାର ଏକ ଦର୍ପଣ । ଶାସନ ଓ ପ୍ରଶାସନ ସହିତ ସମାଜର ପ୍ରତେକସ୍ତରରେ ସମ୍ପର୍କର ସେତୁ ଭାବେ କାର୍ଯ୍ୟ କରିବା ସହିତ ଜନମଙ୍ଗଳ ପ୍ରଶାସର କଲ୍ୟାଣକାରୀ ସୂଚନାର ଅଧିକ ସୁଫଳ ସର୍ବସାଧାରଣଙ୍କୁ ଦେବା ଉପରେ ନିଷ୍କର୍ଷ ପରିବାରର କର୍ତ୍ତବ୍ୟ । ପୁନଶ୍ଚ ବିକାଶ ଆଉ ବିନାଶ, ପ୍ରଗତି ଆଉ ଦୁର୍ଗତି, ନୀତି ଆଉ ଦୁର୍ନୀତି ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଛି । ଏଭଳି ଘଡ଼ିସନ୍ଧି ସମୟରେ ସକରାତ୍ମକ ଚିନ୍ତା-ଚେତନାକୁ ପାଥେୟ କରି ନିଷ୍କର୍ଷ ଆଗେଇ ଚାଲିଛି ଏବଂ ଚାଲିବ । ଚାଞ୍ଚଲ୍ୟ, ଅତିରଞ୍ଜିତ, ପକ୍ଷପାତିତା, ସ୍ୱାର୍ଥ ରହିତ ସମ୍ବାଦ ପରିବେଷଣରୁ ଦୂରରେ ରହି ସତ୍ୟ, ନିରପେକ୍ଷ ସମ୍ବାଦ ପରିବେଷଣ କରିବା ପାଇଁ ଆମ୍ଭେ ପ୍ରତିଶ୍ରୁତିବଦ୍ଧ ।

## ଗଣମାଧ୍ୟମକୁ ହାତବାରିସୀ କରାନଯାଉ

ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ । ସମ୍ବିଧାନର ଅଣସ୍ୱୀକୃତ ଚତୁର୍ଥ ସ୍ତମ୍ଭ । ସମ୍ବିଧାନ ଚାଲିବା ପାଇଁ ବ୍ୟବସ୍ଥିତ ୩ଟି ସ୍ତମ୍ଭ ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ତଥା ଜନସାଧାରଣଙ୍କ ସୁବିଧା ଅସୁବିଧା ଗୁଡ଼ିକୁ ସେମାନଙ୍କ ନିକଟରେ ପହଞ୍ଚାଇ ସମାଜର ସେବା କରିବା ମୁଖ୍ୟ କର୍ତ୍ତବ୍ୟ । ତେବେ ଏହି କାର୍ଯ୍ୟ ମଧ୍ୟ ଏତେ ସହଜ ନୁହେଁ । ଦେଶପ୍ରେମ, ଜନହିତ, ନିଷ୍ଠା, ପରାକାଷ୍ଠା, ଧୀ ଶକ୍ତି, ଅସ୍ମିତାର ସହିତ କାର୍ଯ୍ୟ କରିପାରିଲେ ସମ୍ବିଧାନର ତିନୋଟି ସ୍ତମ୍ଭକୁ ସମନ୍ୱୟ ରକ୍ଷା କରି ପାରିବ । ଯାହା ସମଗ୍ର ମାନବ ସମାଜ ପାଇଁ ମଙ୍ଗଳ ମୟ ହେବ । ଗଣମାଧ୍ୟମ ସମ୍ବାଦ ସଂଗ୍ରହ ଓ ପରିବେଷଣ ମଧ୍ୟରେ ଏଭଳି କିଛି ତ୍ରୁଟି ନରହିବା ଉଚିତ ଯାହା ସମାଜର କ୍ଷତିସାଧନ କରିବ । ଏଥିପାଇଁ ଗଣମାଧ୍ୟମ ଯଥେଷ୍ଟ ଯତ୍ନବାନ ହେବାର ଆବଶ୍ୟକତା ରହିଛି । ସେହିଭଳି ଗଣମାଧ୍ୟମ ପ୍ରତି ସମ୍ବିଧାନର ତିନୋଟି ସ୍ତମ୍ଭର ମଧ୍ୟ ମୂଲ୍ୟବୋଧ ବୁଝିବାର ଆବଶ୍ୟକତା ରହିଛି । ସମ୍ବିଧାନ ପ୍ରଣୟନ ହେବା, କାର୍ଯ୍ୟକାରୀ ହେବା ଏବଂ ତର୍ଜମା ହେବା ଆଦି କାର୍ଯ୍ୟ କାହା ପାଇଁ । ଯଦି ଏସବୁ ମାନବ ସମାଜର କଲ୍ୟାଣରେ ଆସିବ ନାହିଁ, ତେବେ ଏହାର ମୂଲ୍ୟ ମଧ୍ୟ କିଛି ରହିବ ନାହିଁ । ଅନେକ କ୍ଷେତ୍ରରେ ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ନିଜର ସ୍ୱାର୍ଥ ସାଧନ ନିମନ୍ତେ ଗଣମାଧ୍ୟମକୁ ବ୍ୟବହାର କରୁଥିବା ଭଳି ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ଦେଖିବାକୁ ମିଳିଛି । ଏପରିକି ସମ୍ବିଧାନର ସ୍ୱୀକୃତି ପ୍ରାପ୍ତ ଉଭୟ ସ୍ତମ୍ଭ ଏଭଳି ସ୍ୱାର୍ଥପର ହୋଇ ପଡୁଛି ତାହା କହିବା ମୁସ୍କିଲ ହୋଇ ପଡ଼ିଛି । ବିଶେଷ କରି ବ୍ୟବସ୍ଥାପିକାରେ ରହିଥିବା ରାଜନୈତିକ ଦଳଗୁଡ଼ିକ ନିଜର ପତିଆରା ପାଇଁ ବ୍ୟବହାର କରୁଥିବାବେଳେ ପ୍ରତିପକ୍ଷ ଦଳକୁ ବଦନାମ କରିବା ପାଇଁ ମଧ୍ୟ ପଛାଇ ନାହାନ୍ତି । ଗଣମାଧ୍ୟମ ଜରିଆରେ ନିଜର ଭଦ୍ରମୁଖାଟିକୁ ଜନସାଧାରଣଙ୍କ ଦେଖାଇ ପ୍ରଚାର ସର୍ବସ୍ୱରେ ରହିବାକୁ ପଶ୍ଚାଦପଦ ହେଉନାହାନ୍ତି । ଆଉ ଏଥିରେ ନିଜର ସ୍ୱାର୍ଥ ପୂରଣ ହୋଇ ନପାରିଲେ ଗଣମାଧ୍ୟମ ଉପରେ ଆକ୍ରମଣ କରିବାକୁ ଭୁଲନ୍ତି ନାହିଁ । ସେହିଭଳି କାର୍ଯ୍ୟପାଳିକା ପରିସରରେ ଥିବା ପ୍ରଶାସନିକ ଅଧିକାରୀମାନେ ମଧ୍ୟ କିଛି ଗୁଣରେ କମ୍ ନାହାନ୍ତି । ସତ୍ୟକୁ ହଜମ କରିବାର କ୍ଷମତା ନଥିବା ଏହି ଅଧିକାରୀମାନେ ସର୍ବଦା ଗଣମାଧ୍ୟମକୁ ଚୁପ କରି ରଖିବା ପାଇଁ ଉଦ୍ୟମ ରତ । କେବଳ ନିଜ ପ୍ରଶଂସା ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମକୁ ବ୍ୟବହାର କରୁଥିବାବେଳେ ନିଜର ଦୋଷ ଦୁର୍ବଳତାକୁ ଚପାଇ ରଖିବାକୁ ଅହରହ ଉଦ୍ୟମ କରିଥାନ୍ତି । ନିଜର ଅପାରଗତା ଧରାପଡ଼ିଯିବା ଭୟରେ ଷଡଯନ୍ତ୍ର କରି ଗଣମାଧ୍ୟମର କଣ୍ଠରୋଧ କରିବା ପାଇଁ ମଧ୍ୟ କୁଣ୍ଠାବୋଧ କରନ୍ତି ନାହିଁ । ଏହାର ଅନେକ ଉଦାହରଣ ଓଡ଼ିଶାରେ ଦେଖିବାକୁ ମିଳିଛି । କିଛି କଥାକଥିତ ଆଇଏଏସ ଓ ଆଇପିଏସ ମଧ୍ୟ ଏଭଳି ଗଣମାଧ୍ୟମକୁ ନିଜ ଅକ୍ତିଆରରେ ରଖି ନିଜର ସ୍ୱାର୍ଥ ପୂରଣ କରୁଥିବାର ନଜୀର ରହିଛି । ଯେଉଁଠି ତାଙ୍କ ସ୍ୱାର୍ଥରେ ବାଧକ ସୃଷ୍ଟିହୁଏ ସେଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ମିଥ୍ୟା ମାମଲାରେ ଫସାଇଦେବା, କ୍ଷମତାର ଦୁରୁପଯୋଗ କରି ଦୁର୍ବ୍ୟବହାର କରିବା ଏପରିକି ମାଡ଼ମାରିବା ଭଳି ଅଭାବନୀୟ ଘଟଣାକୁ ଦେଖିଲେ ଗଣମାଧ୍ୟମ ଦିନକୁ ଦିନ ଅସହାୟ ହୋଇ ପଡୁଥିବା ଲକ୍ଷ୍ୟ କରାଯାଇଛି । ଏପରିକି ବିଭାଗ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ସୂଚନା ଦେବାପାଇଁ ଉଦ୍ଦିଷ୍ଟ ମାଧ୍ୟମଗୁଡ଼ିକରୁ ସମ୍ପୃକ୍ତ ପ୍ରତିନିଧିମାନଙ୍କୁ ହଟାଇ ଦେଉଛନ୍ତି । ସତେ ଯେମିତି ଏହି ଅଧିକାରୀ କିମ୍ବା ରାଜ୍ୟନୈତିକ ନେତାଙ୍କ ପାଖରେ ଗଣମାଧ୍ୟମ ପ୍ରତିନିଧି ଜଣେ ଜଣେ କିଣା ଚାକର । ଓଡ଼ିଶାରେ ଏଭଳି ଅନେକ ଘଟଣାର ଉଦାହରଣ ମଧ୍ୟ ରହିଛି । ଅବଶ୍ୟ ଏଥିପାଇଁ ଗଣମାଧ୍ୟମର କେତେଜଣ ଅପାରଗ, ଚାଟୁକାର, ଅସ୍ମିତାହୀନ, ଗଣମାଧ୍ୟମର ମହତ୍ତ୍ୱ ସମ୍ପର୍କରେ ଅବଗତ ନଥାଇ ଗଣମାଧ୍ୟମ ପ୍ରତିନିଧି ଭାବେ ଯୋଗଦେଇ ଏହି ପବିତ୍ର କାର୍ଯ୍ୟକୁ କଳୁଷିତ କରିଦେଇଛନ୍ତି । ଏହି ତେଲମରା ମାନସିକ ଧାରୀ କେତେକ କଳାବଜାରୀମାନେ ନିଜର କଳା କାରବାରକୁ ଚଳାଇବା ପାଇଁ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ପଦଲେହନ କରି ଗଣମାଧ୍ୟମର ପବିତ୍ରତାକୁ ବନ୍ଧା ପକାଇ ଦେଇଛନ୍ତି । ଏହି କେତେଜଣଙ୍କ ପାଇଁ ସମାଜ ଆଗରେ ଗଣମାଧ୍ୟମ ଆଜି ନିନ୍ଦିତ ହେବାକୁ ଯାଉଛି । ତେଣୁ ସାଧୁ ସାବଧାନ ନୀତିରେ ସମାଜକୁ ଶୃଙ୍ଖଳିତ ରକ୍ଷା କରିବା ପାଇଁ ଯେଭଳି ସମ୍ବିଧାନର ଆବଶ୍ୟକତା ରହିଛି ସେହିଭଳି ସମ୍ବିଧାନକୁ ସୁରକ୍ଷିତ ରକ୍ଷା କରିବା ପାଇଁ ଗଣମାଧ୍ୟମର । ତେଣୁ ଗଣମାଧ୍ୟମ ତିଷ୍ଟିବା ପାଇଁ ସମ୍ବିଧାନର ୩ଟି ଯାକ ସ୍ତମ୍ଭ ଯତ୍ନବାନ ନହେଲେ ସମାଜରେ ଖୁବ ଶିଘ୍ର ଅରାଜକତା ସୃଷ୍ଟି ହେବ ଏଥିରେ ସନ୍ଦେହ ନାହିଁ ।

# ସୁଶାନ୍ତ, କଙ୍ଗନା ଓ ବିଜେପିର ରାଜନୈତିକ ଅନୁଚିତ

ସୁଶାନ୍ତ ସିଂହ ରାଜପୁତ, ରେହା ଚକ୍ରବର୍ତ୍ତି, କଙ୍ଗନା ରାଣାୱାତ ସମାନ ପେସାର ବ୍ୟକ୍ତିତ୍ୱ । ଏମାନେ ଅଭିନୟ ଦୁନିଆର ପ୍ରତିଭାଶାଳୀ କଳାକାର । ଉଦ୍ଧବ ଠାକ୍କରେ, ସଞ୍ଜୟ ରାଉତ, ନୀତିଶ କୁମାର, ଅଧୀର ରଞ୍ଜନ ଚୌଧୁରୀ, ସୌଗତ ରାୟ,ଜୟରାମ ଠାକୁର ପ୍ରମୁଖ ସମାନ ଭାବେ ପେସାରେ ରାଜନୀତିଜ୍ଞ । ଉଦ୍ଧବ ଠାକ୍କରେ ଓ ସଞ୍ଜୟ ରାଉତ ମହାରାଷ୍ଟ୍ରର ଶିବସେନା ନେତା । ନୀତିଶ କୁମାର ବିହାରର ଜନତା ଦଳ(ୟୁ) ନେତା ତଥା ରାଜ୍ୟ ମୁଖ୍ୟମନ୍ତ୍ରୀ । ଅଧୀର ରଞ୍ଜନ ଚୌଧୁରୀ ଓ ସୌଗତ ରାୟ ଯଥାକ୍ରମେ ପଶ୍ଚିମବଙ୍ଗ କଂଗ୍ରେସ ସଭାପତି ଓ ଶାସକ ତୃଣମୂଳ କଂଗ୍ରେସ ଦଳ ଏମ୍‌ପି । ଜୟରାମ ଠାକୁର ହିମାଚଳପ୍ରଦେଶର ବିଜେପି ମୁଖ୍ୟମନ୍ତ୍ରୀ । ଅଭିନୟ ଦୁନିଆର କଳାକାରଙ୍କ ସହ ଏହି ରାଜନେତାମାନଙ୍କର ସଂପର୍କ କଣ ହୋଇପାରେ ? ପୂର୍ବୋକ୍ତ ତିନି କଳାକାରଙ୍କ ମଧ୍ୟରୁ ସୁଶାନ୍ତ ସିଂହ ରାଜପୁତଙ୍କ ଆକସ୍ମିକ ମୃତ୍ୟୁ ଘଟଣା ପରେ ଏହି ଅପରାଧୀକ ମାମଲାଟି ଏବେ ଦେଶର ବଡ଼ ରାଜନୈତିକ ମାମଲାରେ ପରିଣତ ହୋଇଯାଇଛି ଏବଂ ଏଥିରୁ ସବୁଠାରୁ ଅଧିକ ଫାଇଦା ନେବା ପାଇଁ ବିଜେପି ରଣନୀତି ଆପଣେଇଛି । ମୃତ୍ୟୁବରଣ କରିଥିବା ସୁଶାନ୍ତ ସିଂହ ରାଜପୁତ ବିହାର ମାଟିର ପୁଅ । ରେହା ଚକ୍ରବର୍ତ୍ତି ପଶ୍ଚିମବଙ୍ଗର ଝିଅ । କଙ୍ଗନା ହିମାଚଳର ଝିଅ । ତିନି ରାଜ୍ୟରୁ ଆସିଥିବା ଏହି କଳାକାରଙ୍କ କର୍ମକ୍ଷେତ୍ର ଗୋଟିଏ ସହର । ତାହା ହେଉଛି ମାୟାନଗରୀ ମୁମ୍ବାଇ । ଏବେ ଜାଣିବା ସହଜ ହେବ ଏହି କଳାକାର ଓ ରାଜନୀତିଜ୍ଞ ମଧ୍ୟରେ ସଂପର୍କ କଣ ?

ମୁମ୍ବାଇଠାରେ ସୁଶାନ୍ତଙ୍କ ଆକସ୍ମିକ ମୃତ୍ୟୁ ଘଟଣାର ତଦନ୍ତ ମୁମ୍ବାଇ ପୁଲିସ କରୁଥିବା ସମୟରେ ବିହାରରେ ସୁଶାନ୍ତଙ୍କ ବାପା ଏହି ମୃତ୍ୟୁ ପାଇଁ ବାନ୍ଧବୀ ରେହାଙ୍କୁ ଦାୟୀ କରି ନିଜ ରାଜ୍ୟ ପୁଲିସ ନିକଟରେ ଅଭିଯୋଗ କଲେ । ପରେପରେ ଏହି ଘଟଣାରେ ରାଜନୈତିକ ଦଳ ପକ୍ଷଭୁକ୍ତ ହେଲେ । ବିହାର ମୁଖ୍ୟମନ୍ତ୍ରୀ ନିତୀଶ କୁମାର ମାମଲାର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ଚିଠି ଲେଖିଲେ । କେନ୍ଦ୍ର ତତ୍କାଳ ଏଥିରେ ରାଜି ହୋଇଗଲେ । ବିହାର ନିର୍ବାଚନ ଏବେ ଉପନୀତ । ରାଜ୍ୟବାସୀଙ୍କ ଭାବନା ସହ ଖେଳ ଖେଳିବାକୁ ଏହାକୁ ଏକ ଭଲ ସୁଯୋଗ ମନେ କରି ନୀତିଶ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ମନେ ହୁଏ । ଜେଡ଼ି(ୟୁ) ନେତା ନୀତିଶ ଚଳିତ ଥର ବିହାରରେ ଏନଡ଼ିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ । ଭାଜପା ଏହାର ପ୍ରମୁଖ ସହଯୋଗୀ ଦଳ । ତେଣୁ ଉଭୟଙ୍କ ସହମତିରେ ଘଟଣାର ସିବିଆଇ ତଦନ୍ତ ପାଇଁ ତତ୍ପରତା ପ୍ରକାଶ କରାଗଲା । ମୂଳ ମାମଲା ଗୋଟିଏ ରାଜ୍ୟର । ସିବିଆଇ ତଦନ୍ତ ପାଇଁ ଚିଠି ଲେଖିଲେ ଅନ୍ୟ ଏକ ରାଜ୍ୟର ମୁଖ୍ୟମନ୍ତ୍ରୀ । ଏହା ବିଜେପି ନେତୃତ୍ୱାଧିନ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଗଲା । ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ତଦନ୍ତ ପାଇଁ ସିବିଆଇ ଠାରୁ ସେଠା ସରକାର କ୍ଷମତା ପ୍ରତ୍ୟାହାର କରିବା ପରି ଯଦି ମହାରାଷ୍ଟ୍ର ସରକାର ସିବିଆଇ ଠାରୁ ତଦନ୍ତ କ୍ଷମତା ପ୍ରତ୍ୟାହାର କରିଥାନ୍ତେ ତାହାଲେ ଏହାର ଆଇନଗତ ଦିଗ କଣ ହୋଇଥାନ୍ତା ତାହା ଏବେ ତର୍ଜମା କରାଯିବାର ଅପେକ୍ଷା ରଖେ । ବନ୍ୟା, କୋଭିଡ଼ ଓ ପ୍ରବାସୀ ସମସ୍ୟାରେ ରାଜ୍ୟ ସରକାରଙ୍କ ବିଫଳ ହୋଇଥିବାବେଳେ ବିହାରବାସୀଙ୍କ ଦୃଷ୍ଟି ଏଥିରୁ ହଟାଇବା ପାଇଁ ବିହାର ସରକାର ଓ କେନ୍ଦ୍ର ସରକାର ସୁଚିନ୍ତିତ ଭାବେ ସୁଶାନ୍ତ ପ୍ରସଙ୍ଗକୁ ମାତ୍ରାଧିକ ଗୁରୁତ୍ୱ ପ୍ରଦାନ କଲେ । ଏହାଫଳରେ ଗତ ବିଧାନସଭା ନିର୍ବାଚନ ସମୟରେ ବିଜେପି- ଜେଡ଼ି (ୟୁ) ମେଣ୍ଟ ସପକ୍ଷରେ ଅନୁକମ୍ପା ସୃଷ୍ଟି ହେଲା । ଏଥିରୁ ଅଧିକ ଫାଇଦାରେ ରହିଲା ବିଜେପି ।



ସୁଶାନ୍ତ ମୃତ୍ୟୁ ଘଟଣା ପୃଷ୍ଠଭୂମିରେ ଆଉ ଜଣେ ପ୍ରତିଭାବନ ନାୟିକା କଙ୍ଗନା ନିଜ କର୍ମଭୂମି ମୁମ୍ବାଇକୁ ପାକ୍ ଅଧିକୃତ କାଶ୍ମୀର ସହ ତୁଳନା କରି ମୁମ୍ବାଇରେ ସେ ନିରାପଦ ନୁହଁନ୍ତି ବୋଲି କହିଲେ । କଙ୍ଗନା ହିମାଚଳ ଝିଅ । ଫଳରେ ମାଟିର ଝିଅକୁ ସୁରକ୍ଷା ଯୋଗାଇବା ପାଇଁ ହିମାଚଳର ବିଜେପି ସରକାରଙ୍କ ଅନୁରୋଧକ୍ରମେ କେନ୍ଦ୍ର ସରକାର ତାଙ୍କୁ ସ୍ୱତନ୍ତ୍ର ସୁରକ୍ଷା ଯୋଗାଇଲେ । କେନ୍ଦ୍ରରେ ସମ୍ପ୍ରତି ବିଜେପି ସରକାର ରହିଛି । ମହାରାଷ୍ଟ୍ରରେ ଦଳ ସରକାର ଗଠନ କରିବାରେ ବିଫଳ ହୋଇଛି । ରାଜ୍ୟରେ ଶିବସେନା, ଏନ୍‌ସିପି ଓ କଂଗ୍ରେସ ମିଳିତ ଭାବେ କ୍ଷମତାସୀନ ଅଛନ୍ତି । ତେଣୁ ଗୋଟିଏ ଗୁଳିରେ ଦୁଇଟି ଶିକାର ନୀତି ଆପଣେଇ ମହାରାଷ୍ଟ୍ରର ମିଳିତ ସରକାରକୁ ଜନମାନସରେ ବିବାଦୀୟ ଓ ଅପାରଗ କରିବା ପାଇଁ ବୋଧହୁଏ କଙ୍ଗନା ରଣନୀତିକୁ ଭାଜପା ଆପଣେଇଛି । ଏହାକୁ ପଣ୍ଡ କରିବା ପାଇଁ ଶିବସେନା ପଦକ୍ଷେପ ଗ୍ରହଣ କରିଛି । ଏହି ଘଟଣା ମଧ୍ୟକୁ ଆଞ୍ଚଳିକ ଓ ଜାତିବାଦ ପ୍ରସଙ୍ଗ ଟାଣିବା ପାଇଁ ଉଦ୍ୟମ ହୋଇଛି । ରେହାଙ୍କ ପ୍ରତି ସାମାଜିକ ଗଣମାଧ୍ୟମରେ ଯେଭଳି ମନ୍ତବ୍ୟ ପ୍ରଦାନ କରାଯାଉଛି ତାହା ଅତ୍ୟନ୍ତ କଦର୍ଯ୍ୟ ମନେ ହୁଏ । ଏଭଳି ସ୍ଥିତିରେ ଆସନ୍ତା ବର୍ଷ ପଶ୍ଚିବଙ୍ଗରେ ବିଧାନସଭା ନିର୍ବାଚନ ଦୃଷ୍ଟିରୁ ରାଜ୍ୟର ରାଜନୈତିକ ଦଳ ନିଜ ମାଟିର ଝିଅ ରେହାଙ୍କ ପ୍ରତି ସମର୍ଥନ ଜଣାଇଛନ୍ତି । ବିଜେପି ବିରୋଧରେ ବଙ୍ଗଳା ପ୍ରତି ବୈମାତୃକ ଓ ଅସୂୟା ମନୋଭାବର ଅଭିଯୋଗ କରାଯାଇଛି । ପଶ୍ଚିମବଙ୍ଗର ନବନିଯୁକ୍ତ କଂଗ୍ରେସ ସଭାପତି ଅଧୀର ରଞ୍ଜନ ଚୌଧୁରୀ ରେହାଙ୍କ ସମର୍ଥନରେ ପ୍ରତିବାଦ ସଭା ଆୟୋଜନ କଲେ । ଏହା ସ୍ୱାଭାବିକ ଅଟେ । ଏକ ଅପରାଧିକ ମାମଲାରୁ ବିଜେପି ମହାରାଷ୍ଟ୍ର, ବିହାର ଓ ହିମାଚଳରେ ରାଜନୈତିକ ଫାଇଦା ନେବାକୁ ଚାହୁଁଥିବାବେଳେ ଏହି ଘଟଣାରେ ପଶ୍ଚିମବଙ୍ଗ ରାଜନୈତିକ ଦଳ ରାଜ୍ୟରେ ବିଜେପିକୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛନ୍ତି । ସୁଶାନ୍ତଙ୍କ ଭଉଣୀଙ୍କ ବିରୋଧରେ ମାଦକ ଦ୍ରବ୍ୟ କାରବାର ସଂକ୍ରାନ୍ତ ଏକ ଅଭିଯୋଗ ମୁମ୍ବାଇ ପୁଲିସ ନିକଟରେ ରେହା ଦାଖଲ କରିଛନ୍ତି । ତେଣେ ଉତ୍ତରପ୍ରଦେଶର କିଛି ସାଧୁସନ୍ଥ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ଅଯୋଧ୍ୟାରେ ପୂରେଇ ନଦେବା ପାଇଁ ଘୋଷଣା କରିଛନ୍ତି । ଏଥିରେ ସାଧୁସନ୍ଥଙ୍କର କିପ୍ରକାର ସ୍ୱାର୍ଥ ରହିଛି ତାହା ସହଜରେ ଜଣାପଡୁ ନାହିଁ । ଆଞ୍ଚଳିକ ଅରାଜକତା ସୃଷ୍ଟି ଉଦ୍ଦେଶ୍ୟରେ ଏପ୍ରକାର ଘୋଷଣା କରାଯାଇଥିବା ଅନୁମେୟ । ଭାରତର ସାମ୍ବିଧାନିକ ବ୍ୟବସ୍ଥାରେ ଦେଶର ନାଗରିକ ଯେକୌଣସି ଅଞ୍ଚଳରେ ବସବାସ କରିପାରିବେ ଏବଂ ସମ୍ପୃକ୍ତ ଅଞ୍ଚଳର ଆଇନ ମାନିଚଳିବେ । ଆଲୋଚ୍ୟ ତିନି କଳାକାର ମୁମ୍ବାଇକୁ କର୍ମଭୂମି ଭାବେ ଗ୍ରହଣ କରିନେଇ ସେଠାରେ ବସବାସ କରୁଥିବାବେଳେ ଏହାମଧ୍ୟକୁ ଆଞ୍ଚଳିକବାଦର ପ୍ରବେଶ ଦେଶର ସାର୍ବଭୌମତ୍ୱ ପ୍ରତି ନିଶ୍ଚୟ ପ୍ରଶ୍ନବାଚୀ ସୃଷ୍ଟି କରିବ । ଏହି ଆଞ୍ଚଳିକ ମନୋଭାବ ଆରମ୍ଭ କରିଛନ୍ତି ବିହାରର ଏନଡ଼ିଏ ସରକାର । ବିଜେପି ଏହି ପ୍ରକ୍ରିୟାରେ ଘିଅ ଢ଼ାଳୁଛି ।

କୋଭିଡ଼ ସଂକ୍ରମଣ ଯୋଗୁଁ ଦେଶର ଅର୍ଥନୀତି ନିମ୍ନଗାମୀ ହୋଇଯାଇଛି । ୨୦୨୧ ଆର୍ଥିକ ବର୍ଷ ଅଧା ହେଲାଣି । ଏବର୍ଷ ଅଭିବୃଦ୍ଧି ବିଯୁକ୍ତ ୯% ହେବ ବୋଲି ବିଭିନ୍ନ ରେଟିଂ ସଂସ୍ଥା ପକ୍ଷରୁ ଆକଳନ କରାଯାଉଛି । ଅର୍ଥନୀତି ସୁଧୁରିବା ଆରମ୍ଭ କରିଛି ବୋଲି ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ତାହା ବାସ୍ତବରେ ପ୍ରତିଫଳିତ ହେଉନାହିଁ । ଜିଏସ୍‌ଟି ସଂଗ୍ରହ ହ୍ରାସ ପାଇଛି । ରାଜ୍ୟକୁ ପ୍ରତିଶ୍ରୁତି ମୁତାବକ ଟିକସ ଅଂଶ ମିଳୁ ନାହିଁ । ପରିସ୍ଥିତିକୁ 'ଇଶ୍ୱରଙ୍କ ସୃଷ୍ଟି' ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ବେରୋଜଗାରୀ ବଢ଼ି ଚାଲିଛି । ବାଙ୍ଗାଲୋର, ହାଇଦ୍ରାବାଦ, ପୁନେ ଆଦି ସ୍ଥାନରୁ ଆଇଟି କର୍ମଚାରୀଙ୍କ ନିଜ ରାଜ୍ୟକୁ ଫେରିଆସିବା ଧାରା ଅବ୍ୟାହତ ରହିଛି । ଦିନ ମଜୁରିଆଙ୍କ ହାତରେ କାମଧନ୍ଦା ନାହିଁ । କୋଭିଡ଼ ସମୟରେ ନିଜ ରାଜ୍ୟକୁ ଫେରିଥିବା ଶ୍ରମିକମାନେ ପୁନର୍ବାର ଅନିଶ୍ଚିତତା ମଧ୍ୟରେ କାମଧନ୍ଦା ଅନ୍ୱେଷଣରେ ବଡ଼ ସହରମୁହାଁ ହେଲେଣି । ଦେଶରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି । ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ସମସ୍ୟାର ବାରୁଦ ଗଦା ଉପରେ ରହିଛି ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଚେତାବନୀ ଦେଇଛନ୍ତି । ଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଛି । ସରକାର ଟିକା କଥା କହି ଲୋକଙ୍କୁ ଆଶ୍ୱାସନା ଦେବାକୁ ଉଦ୍ୟମ କରୁଛନ୍ତି । ଗୋଷ୍ଠୀ ସଂକ୍ରମଣକୁ ଅସ୍ୱୀକାର କରିବା ପାଇଁ କେନ୍ଦ୍ର ସରକାର ସବୁ ବିଭାଗକୁ କାମରେ ଲଗେଇ ଦେଇଛନ୍ତି । ଶିକ୍ଷା ବର୍ଷ ଆରମ୍ଭ ହୋଇପାରୁ ନାହିଁ । ତାଲାବନ୍ଦୀ ସମୟରେ ପ୍ରବାସରୁ ଭିଟାମାଟିକୁ ଫେରୁଥିବା ସମୟରେ କେତେ ସଂଖ୍ୟକ ଶ୍ରମିକ ପ୍ରାଣ ହରାଇଛନ୍ତି ତାହାର ହିସାବ ସରକାରଙ୍କ ନିକଟରେ ନାହିଁ । ଏସବୁ ସମସ୍ୟାର ସମାଧାନ ପାଇଁ ତତ୍ପରତାର ସହ ଯୋଜନା ନକରି ଏକ ଅପରାଧ ମାମଲାକୁ ଆଇନ ହାତରେ ଛାଡ଼ିବା ପରିବର୍ତ୍ତେ ଏହାକୁ ରାଜନୈତିକ ଅସ୍ତ୍ର ଭାବେ ଉପଯୋଗ କରିବା ପାଇଁ ବିଜେପି ଦଳର ତତ୍ପରତାରେ ରାଜନୈତିକ ଦୂରଭିସନ୍ଧି ରହିଥିବା ଅନୁମେୟ ।

- ସୌଭାଗ୍ୟ ସୁନ୍ଦରରାୟ, ବରିଷ୍ଠ ସାମ୍ବାଦିକ
ମୋବାଇଲ ନମ୍ବର - ୯୪୩୭୨୨୯୨୩୩

# ବାର୍ଦ୍ଧକ୍ୟର ଗତିରୋଧ

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ । ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ । ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ । ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି । ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି । ଆମ ଖାଦ୍ୟରେ ଥିବା ପୃଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମୃଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି । ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି । ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁଢ଼ ସମ୍ପର୍କକୁ ବୈଜ୍ଞାନିକ ଭିତ୍ତିରେ ସୂଚାଇ ପାରିଛନ୍ତି । ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ, ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ । ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର । ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷାମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷାମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ । କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା । ତାହାପରେ ସେ ମୂଷାମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧାନ କରାଯାଇଥିଲା । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ । ଅନୁଧାନରୁ ଜଣାପଡ଼ିଲା ଯେ, ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ । ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଦର୍ଶାଏ । କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ । ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ । ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ କରିଦିଏ । ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି । ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ୍ୟ ଅନୁଧାନ କରିଥିଲେ । ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଞ୍ଚାର ବ୍ୟବସ୍ଥାରେ ସହାୟତା କରନ୍ତି । ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି ପାଏ । ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ । ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର । ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷାଗୁଡ଼ିକୁ କରିଥିଲେ ମଧ୍ୟ ମାନବମାନଙ୍କ କ୍ଷେତ୍ରରେ ମଧ୍ୟ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ । ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧାନ ମଧ୍ୟ କରିବା ପାଇଁ ଯାଉଛନ୍ତି । କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ ।

ପୁରାଣକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ । ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ । ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ । ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ । ବିଜ୍ଞାନୀମାନଙ୍କ ମତରେ ବୟସ୍କମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ । ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ । ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ । କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କମାନଙ୍କ ପାଇଁ ସବୁଠାରୁ ଅନୁକୂଳ । ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନହେଲେ ମାନସିକ ଶକ୍ତି ହ୍ରାସ ପାଏ । ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ । ପ୍ରଫେସର ପୋଦ୍ଦାର ମଧ୍ୟ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ୍ୟ ସ୍ନାୟୁ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି । ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ ।

- ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

# କୋରାପୁଟର ଗାନ୍ଧୀ : ରାଧାକୃଷ୍ଣ ବିଶ୍ୱାସରାୟ



ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ କ୍ରାନ୍ତିକାରୀ ଅହିଂସାର ଆନ୍ଦୋଳନକୁ ପାଥେୟକରି ଲକ୍ଷ ଲକ୍ଷ ଭାରତୀୟ ଭାରତବର୍ଷରୁ ବ୍ରିଟିଶ ମାନଙ୍କୁ ବିତାଡ଼ିତ କରିବା ପାଇଁ ଯେଉଁ ଆନ୍ଦୋଳନରେ ସାମିଲ ହୋଇଥିଲେ ସେଥିରେ ଗାନ୍ଧିଜୀଙ୍କ ସହକର୍ମୀ, ଅନୁଗାମୀ ଓ ବିଶ୍ୱାସୀ ମାନଙ୍କ ସଂଖ୍ୟାତ ଅଗଣିତ ରହିଥିଲା । ତେବେ ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ମହାତ୍ମା ଗାନ୍ଧୀଙ୍କ ବାଣୀରେ ଉଦ୍‌ବୁଦ୍ଧ ହୋଇ ନିଜକୁ ଦେଶ ମା'ର ସେବା ପାଇଁ ସମର୍ପଣ କରିଥିଲେ । ପରବର୍ତ୍ତୀ ସମୟରେ ଅନେକ ଏହିପରି ମହନୀୟ ବ୍ୟକ୍ତିତ୍ୱମାନେ ସ୍ୱାଧୀନତା ପରବର୍ତ୍ତୀ ସମୟରେ ସଂଗ୍ରାମୀ ଭାବେ ନିଜକୁ ସମାଜ ସାମ୍ନାକୁ ନ ଆଣି ବରଂ ଚୁପ୍‌ଚାପ ନିଜ ପରିଣତ ବୟସକୁ ବିତାଇଥିଲେ । ସେହିପରି ଜଣେ ବିଶିଷ୍ଟ ସଂଗ୍ରାମୀ ଓ ଗାନ୍ଧୀବାଦୀ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ । ପ୍ରାକ୍ ସ୍ୱାଧୀନତା କାଳରେ ଅବିଭକ୍ତ କୋରାପୁଟ ଅଞ୍ଚଳର ଜନଜାତି ସଂପ୍ରଦାୟ ମଧ୍ୟରେ ସ୍ୱାଧୀନତାର ଚେତନା ଜାଗ୍ରତ କରିବା ପାଇଁ ଯେଉଁମାନେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ, ସେମାନଙ୍କ ମଧ୍ୟରେ ରାଧାକୃଷ୍ଣ ବିଶ୍ୱାସରାୟ ଅନ୍ୟତମ । ତାଙ୍କୁ କୋରାପୁଟ ଗାନ୍ଧୀ କୁହାଯାଏ । ନୈତିକତାପୂର୍ଣ୍ଣ ମୂଲ୍ୟବୋଧ ରାଜନୀତିରେ ତାଙ୍କର ବିଶ୍ୱାସ ଥିଲା । ଆଜୀବନ ସରଳ ଜୀବନଯାପନ କରିଥିଲେ । ରାଜନୈତିକ ଛନ୍ଦକପଟ, ଷଡ଼ଯନ୍ତ୍ର, ବିଶ୍ୱାସଘାତକତା ଆଦି ଜଣା ନଥିବାରୁ କ୍ଷମତା ରାଜନୀତିରେ ସେ ତିଷ୍ଠିପାରି ନଥିଲେ । ଏକଦା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ହରାଇ ପ୍ରଦେଶ କଂଗ୍ରେସର ସଭାପତି ଆସନ ଅଳଙ୍କୃତ କରିଥିବା ରାଧାକୃଷ୍ଣଙ୍କ ସକ୍ରିୟ ରାଜନୈତିକ ଜୀବନ ଅତି ସଂକ୍ଷିପ୍ତ ଥିଲା । ଅନେକ ପାଠକ ହୁଏତ ଯେ, ସେ ଥରଟିଏ ସ୍ୱଳ୍ପ କାଳ ପାଇଁ ରାଜ୍ୟର ଆଦିବାସୀ ଓ ହରିଜନ କଲ୍ୟାଣ ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ । ସେହି ସମୟରେ ପତିତ ଦଳିତଙ୍କ ବିକାଶ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ । ୧୯୫୪-୫୭ ଯାଏ ସେ ରାଜ୍ୟସଭା ସଦସ୍ୟ ଥିଲେ । ତେବେ କଂଗ୍ରେସ ଦଳ ମଧ୍ୟରେ ନୀତି ଆଦର୍ଶରେ ବିଚ୍ୟୁତି ଘଟୁଥିବା ଦେଖି ପ୍ରଥମେ କଂଗ୍ରେସ ତ୍ୟାଗ କରିଥିଲେ ଏବଂ ୧୯୫୭ରେ ସକ୍ରିୟ ରାଜନୀତିରୁ ସୁଦ୍ଧା ଦୂରେଇ ଯାଇଥିଲେ । ତାହାପରେ ମହାତ୍ମା ବିନୋବାଙ୍କ ଭୂଦାନ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଶେଷ ପର୍ଯ୍ୟନ୍ତ କୋରାପୁଟ ଜନଜାତି ସଂପ୍ରଦାୟର ବିକାଶ ପାଇଁ କାର୍ଯ୍ୟ କରିଥିଲେ । ସମାଜରୁ ଜାତିବାଦ, ନିଶାନିବାରଣ, ନାରୀ ଶିକ୍ଷା ଓ ଶୋଭନୀୟତାର ବାର୍ତ୍ତାକୁ ପ୍ରଚାର ପ୍ରସାର ପାଇଁ ସେ ନିଜକୁ ଉତ୍ସର୍ଗ କରିଥିଲେ । ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ପାର୍ବତୀପୁରମରେ ରାଧାକୃଷ୍ଣଙ୍କ ଜନ୍ମ ହୋଇଥିଲା । ତାଙ୍କ ମୂଳ ନାମ ଥିଲା ରାଧାକୃଷ୍ଣ ସାହୁ । ମଉସା ଦାମୋଦର ବିଶ୍ୱାସରାୟ ତାଙ୍କୁ ଶୈଶବରେ ପୋଷ୍ୟ କରିନେବା ଯୋଗୁଁ ସାଙ୍ଗିଆ ବଦଳିଥିଲା । ଜୟପୁରରେ ତାଙ୍କ ବିଦ୍ୟାର୍ଥୀ ଜୀବନ କଟିଥିଲା । ଅର୍ଥାଭାବରୁ ସେ ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ବ୍ରିଟିଶ ଶାସନ ବ୍ୟବସ୍ଥାରେ ଜଣେ ସାଧାରଣ କିରାଣି ଭାବେ ତାଙ୍କ କର୍ମମୟ ଜୀବନ ଆରମ୍ଭ ହୋଇଥିଲା । ତେବେ ସ୍ୱାଧୀନତାର ଆହ୍ୱାନ ଏବଂ ଆଦିବାସୀଙ୍କ ଦୁର୍ଦ୍ଦଶା ବ୍ୟଥିତ କରିବାରୁ ଚାକିରି ଛାଡ଼ି ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୮୪ ମସିହା ଫେବୃୟାରୀ ୫ ତାରିଖରେ ଏହିପରି ଜଣେ ଗାନ୍ଧିବାଦୀ ସ୍ୱାଧୀନତା ସଂଗ୍ରାମୀ ତଥା ବୀର ଓଡ଼ିଆଙ୍କ ଦେହାବସାନ ଘଟିଥିଲା । ମାତ୍ର ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠା ଦେଶପ୍ରେମ ଯୋଗୁଁ ସେ ଆଜିବି ସମସ୍ତଙ୍କ ହୃଦୟରେ ଅଛନ୍ତି । ସେ ପାଲଟି ଯାଇଛନ୍ତି ଅପାସୋରା ଅମର ବ୍ୟକ୍ତିତ୍ୱ ।

- ଡକ୍ଟର ଅରୁନ୍ଧତୀ ଦେବୀ
ଶୋଭନୀୟ ଆନ୍ଦୋଳନ,
ଭୁବନେଶ୍ୱର, ଦୂରଭାଷ :
୯୯୩୭୧୭୨୮୧୦




### ନିୟନ୍ତ୍ରଣ ରେଖା ନିକଟରେ ବଳିଷ୍ଠ ଭିତ୍ତିଭୂମି ପ୍ରସ୍ତୁତି

# ଚୀନର ଯୋଜନା ଉପରେ ଭାରତର ତୀକ୍ଷ୍ଣ ନଜର



**ନୂଆଦିଲ୍ଲୀ,(ଏଜେନ୍ସି):** ଭାରତ ସଂଲଗ୍ନ ପ୍ରାୟ ୩୪୮୮ କିଲୋମିଟର ଦୈର୍ଘ୍ୟ ନିୟନ୍ତ୍ରଣ ରେଖାର ଅପରପାର୍ଶ୍ୱରେ ଚୀନ ନିଜର ଭିତ୍ତିଭୂମିକୁ ଅଧିକ ସକ୍ରିୟ କରୁଥିବାବେଳେ ଭାରତ କିନ୍ତୁ ଏହା ଉପରେ ତୀକ୍ଷ୍ଣ ନଜର ରଖିଛି । ଉପଗ୍ରହରୁ ଉପଲବ୍ଧ ଚିତ୍ର ଅନୁଯାୟୀ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ଚୀନର ପିପୁଲ୍‌ସ ଲିବରେସନ ଆର୍ମି (ପିଏଲଏ) ସଡ଼କ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରୁଥିବାବେଳେ ଅସ୍ତ୍ରାଗାର ଓ ସୈନିକଙ୍କ ନିମନ୍ତେ ସଂଖ୍ୟାଧିକ ବଙ୍କର ମଧ୍ୟ ନିର୍ମାଣ କରିଥିବା ଜଣାପଡିଛି । ଭବିଷ୍ୟତରେ ଭାରତ ବିରୋଧରେ ଯଦି ଯୁଦ୍ଧ ହୁଏ, ତେବେ ଏହି ସଡ଼କପଥ ଦେଇ ଚୀନ ତାହାର ସେନା ଓ ଯୁଦ୍ଧାସ୍ତ୍ରକୁ ଅନାୟାସରେ ଭାରତର ପଶ୍ଚିମ ସୀମାନ୍ତ ପର୍ଯ୍ୟନ୍ତ ନେଇପାରିବ ବୋଲି ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି । କାରାକୋରମ ପାସ୍ ଓ ଅକ୍‌ସାଇ ଚୀନ ସହ ସଡକପଥକୁ ସଂଯୋଗ କରାଯାଇଥିବାରୁ ଏହି ଅଞ୍ଚଳ ଆଉ ଚୀନ ସେନା ପାଇଁ ଦୁର୍ଗମ ସାବ୍ୟସ୍ତ ହେବ ନାହିଁ ବୋଲି ଅନୁମାନ କରାଯାଉଛି । ଚଳିତବର୍ଷ ଏପ୍ରିଲରୁ ଲଦାଖସ୍ଥିତ ପୋଙ୍ଗ୍‌ଗଙ୍ଗ୍ ହ୍ରଦ ନିକଟରେ ଚୀନ ନିଜର ଆଧିପତ୍ୟ ବିସ୍ତାର କରିବାକୁ ଉଦ୍ୟମ କରିଥିବାବେଳେ ଭାରତୀୟ ସେନା ଏହାର କଡା ଜବାବ ଦେଇ ସେମାନଙ୍କୁ ପଛଘୁଞ୍ଚା ଦେବାକୁ ଏକପ୍ରକାର ବାଧ୍ୟ କରିଛି । ଜୁନ ୧୪ରେ ସେଠାରେ ସଂଗଠିତ ହାତାହାତିରେ ଉଭୟପକ୍ଷର ସଂଖ୍ୟାଧିକ ଯବାନ ପ୍ରାଣ ହରାଇଥିଲେ । ଲଦାଖରୁ ସେନା ଅପସାରଣ ନିମନ୍ତେ ଦୁଇ ଦେଶ ମଧ୍ୟରେ ଏକାଧିକ ଥର କମାଣ୍ଡରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇସାରିଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିପାରିନାହିଁ । ଲଦାଖସ୍ଥିତ ୫୯୭ କିଲୋମିଟର ଦୈର୍ଘ୍ୟ ନିୟନ୍ତ୍ରଣ ରେଖାରେ ଚୀନ ସେନାର ଶକ୍ତି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଭାରତ ସହ ଦୀର୍ଘ ସମୟ ଧରି ମୁହାଁମୁହିଁ ହେବାକୁ ଚୀନ ଲକ୍ଷ୍ୟ ରଖିଥିବା ଆଶଙ୍କା କରାଯାଉଛି । ଭାରତୀୟ ସେନାର ବରିଷ୍ଠ ଅଧିକାରୀଙ୍କ କହିବା ଅନୁଯାୟୀ କାରାକୋରମ ପାସ୍‌କୁ ପହଞ୍ଚିବା ନିମନ୍ତେ ଚୀନ ପକ୍ଷରୁ ୮ରୁ ୧୦ ମିଟର ଚଉଡା ସଡକପଥ ନିର୍ମିତ ହୋଇଛି । ଫଳରେ ଦୌଲତ-ବେଗ୍-ଓଲଡି ସେକ୍ଟରକୁ ପହଞ୍ଚିବାକୁ ଚୀନ ସେନାକୁ ଦୁଇ ଘଣ୍ଟା କମ ସମୟ ଲାଗିବ । ପୂର୍ବରୁ ଏହି ଅଞ୍ଚଳରେ ଚୀନ ମାଟିରାସ୍ତା ନିର୍ମାଣ କରିଥିବାବେଳେ ବର୍ତ୍ତମାନ ସେଗୁଡିକୁ କଂକ୍ରିଟ ରାସ୍ତାରେ ପରିଣତ କରିଛି । ଏପରିକି ଏହି ସ୍ଥାନରେ ବଡ ବଡ ଗୋଲେଇ ଛକ ନିର୍ମାଣ କରାଯାଇଛି, ଯାହାଫଳରେ ଭାରୀ ଯୁଦ୍ଧାସ୍ତ୍ର ବହନ କରୁଥିବା ସାମରିକ ଯାନଗୁଡିକ ସହଜରେ ଦିଗ ପରିବର୍ତ୍ତନ କରିପାରିବ । ପୁନଶ୍ଚ ଚୀନ ପକ୍ଷରୁ ଏହି ଅଞ୍ଚଳରେ ଭୂତଳ ପେଟ୍ରୋଲିୟମ ଟାଙ୍କି ଓ ତୈଳ ମହଜୁଦ କେନ୍ଦ୍ର ମଧ୍ୟ ନିର୍ମାଣ କରାଯାଇଛି । ତିବ୍ବତ୍‌ର ରାଜଧାନୀ ଲାସା ସହ କାରାକୋରମ ପାସ୍ ସଂଯୋଗ ହୋଇଥିବାରୁ କୌଣସି ପ୍ରତିକୂଳ ପରିସ୍ଥିତିରେ ଚୀନ ସେନା ଅସୁବିଧାର ସମ୍ମୁଖୀନ ହେବ ନାହିଁ ବୋଲି କୁହାଯାଇଛି । ଏହାବ୍ୟତୀତ ପୂର୍ବ ସେକ୍ଟରରେ ଚୀନ ଅରୁଣାଚଳ ପ୍ରଦେଶ ସୀମା ସଂଲଗ୍ନ ପାଙ୍ଗ୍-ତା ଅଞ୍ଚଳରେ ନୂଆ ବିମାନଘାଟି ନିର୍ମାଣ କରିଛି । ତେବେ ଏହି ବିମାନଘାଟୀ ଅପେକ୍ଷା ପାହାଡ ସୁଡଙ୍ଗରେ ଲଢୁଆ ବିମାନ ଲୁଚାଇ ରଖିବାକୁ ଚୀନ ଯୋଜନା କରୁଥିବା ଜଣାପଡିଛି ।

### ଏବର୍ଷ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ପଣ୍ଡ କରିଛି କୋଭିଡ୍

# ବାଦ୍ ପଡିନାହାନ୍ତି ରୁଷ ରାଷ୍ଟ୍ରପତି ପୁଟିନ



**ମସ୍କୋ (ଏଜେନ୍ସି):** ଚଳିତବର୍ଷ ବିଶ୍ୱବ୍ୟାପୀ କୋଭିଡ୍ ମହାମାରୀ ଆତଙ୍କ ସୃଷ୍ଟି କରିଥିବାବେଳେ ୨୦୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରରେ ଏହାର କରୁଣ ପରିଣତି ଲକ୍ଷ୍ୟ କରାଯାଇଛି । ଆମେରିକା, ରୁଷ ଭଳି ବିକଶିତ ରାଷ୍ଟ୍ରଙ୍କଠାରୁ ଆରମ୍ଭ କରି ବିକାଶଶୀଳ ଓ ଅନୁନ୍ନତ ରାଷ୍ଟ୍ରଗୁଡିକ କୋଭିଡ୍ ମହାମାରୀକୁ ମୁକାବିଲା କରିବାରେ ଏତେଟା ସଫଳ ହୋଇନାହାନ୍ତି । ଆମେରିକା, ବ୍ରିଟେନ, କାନାଡା, ଇସ୍ରାଏଲ ଭଳି ଦେଶରେ କୋଭିଡ୍ ଟିକାର ପ୍ରଥମ ଡୋଜ୍ ଦିଆଯାଇଥିବାବେଳେ ଭାରତ ସମେତ ଅନ୍ୟ କେତେକ ରାଷ୍ଟ୍ର ବର୍ତ୍ତମାନ ଏହି ପ୍ରକ୍ରିୟାର ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛନ୍ତି । ତେବେ ଏଠାରେ ଆଲୋଚ୍ୟର ବିଷୟ ହେଉଛି ଯେ ଚଳିତବର୍ଷ କୋଭିଡ୍ ଯୋଗୁଁ ବିଶ୍ୱର ଅଧିକାଂଶ ରାଷ୍ଟ୍ରରେ ଗୁରୁତ୍ୱପୂର୍ଣ୍ଣ ସରକାରୀ ଯୋଜନା କାର୍ଯ୍ୟକାରୀ ହୋଇପାରିନାହିଁ । ଏପରିକି ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ର ରୁଷ ମଧ୍ୟ ଏଥିରୁ ବାଦପଡିନାହିଁ । ରୁଷ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ ଚଳିତବର୍ଷ ପ୍ରାରମ୍ଭରେ ସବୁ ମନ୍ତ୍ରୀଙ୍କୁ ବରଖାସ୍ତ କରିବା ସହ ସମ୍ବିଧାନରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଯୋଜନା କରିଥିଲେ । ଏଥିମଧ୍ୟରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳକୁ ସଂଶୋଧନ କରାଯିବା ପ୍ରସ୍ତାବ ଅନ୍ୟତମ । ଏପ୍ରିଲରେ ଏକ ରେଫରେଣ୍ଡମ ମାଧ୍ୟମରେ ପୁଟିନ ୨୦୩୬ ପର୍ଯ୍ୟନ୍ତ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବେ ବୋଲି ଯୋଜନାକୁ କାର୍ଯ୍ୟକାରୀ କରାଯାଇଥାନ୍ତା । ତେବେ କୋଭିଡ୍ ଯୋଗୁଁ ପୁଟିନଙ୍କ ସବୁ ଯୋଜନା ଓଲଟ ପାଲଟ ହୋଇଥିଲା । କୋଭିଡ୍ ଭୂତାଣୁ ବ୍ୟାପୀବା ମାତ୍ରେ ପୁଟିନ ଚୀନ ସଂଲଗ୍ନ ସୀମାକୁ ସିଲ୍ କରିବା ସହ ମାର୍ଚ୍ଚ ୨୮ରୁ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରିଥିଲେ । ଏହାସତ୍ତ୍ୱେ ରୁଷରେ କୋଭିଡ୍ ସ୍ଥିତି ଅଧିକ ଜଟିଳ ହୋଇପଡିଥିଲା । ସେଠାରେ ଦୈନିକ କୋଭିଡ୍ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଫଳରେ ପୁଟିନ ବାଧ୍ୟହୋଇ ରେଫରେଣ୍ଡମକୁ ସ୍ଥଗିତ ରଖିଥିଲେ । କୋଭିଡ୍ ଯୋଗୁଁ ରୁଷର ଅର୍ଥନୈତିକ ଅବସ୍ଥାରେ ଅବନତି ଘଟିବା ସହ ହାସପାତାଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଥିଲା । ୨୦୨୦ ଜୁନ ସୁଦ୍ଧା ରୁଷର ଜିଡିପିରେ ୬ ପ୍ରତିଶତ ହ୍ରାସ ଘଟିଥିଲା । ଏଥିଯୋଗୁଁ ରୁଷରେ ବେକାରୀ ଓ ଦାରିଦ୍ର ସମସ୍ୟା ଉତ୍କଟ ରୂପ ଧାରଣ କରିଥିଲା । ଏହାସତ୍ତ୍ୱେ ପୁଟିନ ଅଗଷ୍ଟ ଶେଷ ଆଡକୁ ରେଫରେଣ୍ଡମ କାର୍ଯ୍ୟକାରୀ କରି ସମ୍ବିଧାନକୁ ସଂଶୋଧନ କରିଥିଲେ । ତେବେ ଦେଶର କେତେକ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ସାଙ୍ଗକୁ ପଡୋଶୀ ବେଲାରୁଷରେ ଏକଛତ୍ରବାଦ ଶାସକ ଆଲେକ୍‌ଜାଣ୍ଡାର ଲୁକାସେଙ୍କୋ ନିର୍ବାଚନରେ ବିଜୟୀ ହୋଇଥିବା ଦାବି ପୁଟିନଙ୍କୁ ଚିନ୍ତାରେ ପକାଇଥିଲା । ଏହାବ୍ୟତୀତ ବିରୋଧୀ ନେତା ଆଲେକ୍ସି ନାଭାଲନିଙ୍କୁ ଗୁରୁତର ଅବସ୍ଥାରେ ଜର୍ମାନୀ ଚିକିତ୍ସା ପାଇଁ ନିଆଯାଇଥିଲା । ତେବେ ଡାକ୍ତର କହିଥିଲେ ଯେ ନାଭାଲନିଙ୍କୁ ବିଷ ଇଂଜେକସନ ଦିଆଯାଇଛି । ଏହି ଅଭିଯୋଗକୁ ପୁଟିନ ଖଣ୍ଡନ କରିଥିଲେ । ଏହାସତ୍ତ୍ୱେ ଆନ୍ତର୍ଜାତିକ ସମୁଦାୟ ରୁଷକୁ ସମାଲୋଚନା କରିଥିଲେ । ନାଭାଲନିଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଆନ୍ତର୍ଜାତିକ ସର୍କିଟରେ ପୁଟିନଙ୍କ ସମ୍ମାନ କ୍ଷୁଣ୍ଣ ହେବାରେ ଲାଗିଲା । ପୁନଶ୍ଚ କୋଭିଡ୍ ଟିକା ସ୍ପୁଟନିକ୍-୫ର ପ୍ରସ୍ତୁତିକୁ ନେଇ ରୁଷ ସମାଲୋଚିତ ହୋଇଆସୁଛି । ଇତିମଧ୍ୟରେ ତିନିମାସ ବିତିଯାଇଥିଲେ ସୁଦ୍ଧା ସ୍ପୁଟ୍‌ନିକ୍-୫ ଟିକା ବଜାରରେ ଉପଲବ୍ଧ ହୋଇପାରିନାହିଁ । ପୁନଶ୍ଚ ପୁଟିନଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିଛି ବୋଲି ଦେଶରେ ଯେଉଁ ଗୁଜବ ସୃଷ୍ଟି ହୋଇଛି, ତାହାକୁ କ୍ରେମଲିନ ପକ୍ଷରୁ ଏପର୍ଯ୍ୟନ୍ତ ଖଣ୍ଡନ କରାଯାଇନାହିଁ ।

# ମାଫିଆଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

### ରାଜ୍ୟ ଛାଡ଼, ନଚେତ୍ ୧୦ ଫୁଟ ମାଟିତଳେ ପୋତିଦେବୁ

**ଭୋପାଳ(ଏଜେନ୍ସି):** ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାର କରିବା ଦିଗରେ ମଧ୍ୟପ୍ରଦେଶ ସରକାର କେତେକ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି । ରାଜ୍ୟରେ ବେଆଇନ କାର୍ଯ୍ୟରେ ଲିପ୍ତ ଥିବା ମାଫିଆ ଓ ସମାଜବିରୋଧୀଙ୍କ ପ୍ରତି ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଯାଉଛନ୍ତି । ଯଦି ରାଜ୍ୟ ଛାଡି ଚାଲିନଯିବ, ତେବେ କୌଣସି ଅଜଣା ସ୍ଥାନରେ ୧୦ ଫୁଟ ମାଟିତଳେ ପୋତିଦେବୁ ବୋଲି ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନ ମାଫିଆଙ୍କୁ ଦୃଢ ଚେତାବନୀ ଦେଇଛନ୍ତି । ଘରଲୋକ ଯେତେ ଖୋଜିଲେ ମଧ୍ୟ ତୁମମାନଙ୍କ ମୃତଦେହକୁ ପାଇପାରିବେନି ବୋଲି ଚୌହାନ କହିଛନ୍ତି । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ 'ଉତ୍ତମ ଶାସନ' ଶୀର୍ଷକ ଆଲୋଚନାରେ ଚୌହାନ ମାଫିଆଙ୍କୁ ଏଭଳି ଧମକ ଦେଇଛନ୍ତି । ରାଜ୍ୟରେ ଉତ୍ପାତ କରୁଥିବା ଏଭଳି ଅସାମାଜିକ ବ୍ୟକ୍ତିଙ୍କୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ଚୌହାନ ସ୍ପଷ୍ଟ କରିଛନ୍ତି । ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ଥିବାବେଳେ 'ଉତ୍ତମ ଶାସନ' ଜାରି ରହିଛି । ସାଧାରଣ ଲୋକେ ଯେପରି ଭୟଭୀତ ନ ହୋଇ ସ୍ୱାଭାବିକ ଜୀବନଯାପନ କରିବେ, ସେଥିପ୍ରତି ତାଙ୍କ ସରକାର ଯତ୍ନବାନ ଥିବା ଚୌହାନ କହିଛନ୍ତି ।

## ମଧ୍ୟପ୍ରଦେଶରେ ଲଭ୍ ଜିହାଦ ଆଇନ ପ୍ରଣୟନ

**ଭୋପାଳ(ଏଜେନ୍ସି):** ଉତ୍ତରପ୍ରଦେଶ ପରେ ମଧ୍ୟପ୍ରଦେଶ ଦେଶର ଦ୍ୱିତୀୟ ରାଜ୍ୟଭାବେ 'ଲଭ୍ ଜିହାଦ' ଆଇନ ପ୍ରଣୟନ କରିଛି । ରାଜ୍ୟ କ୍ୟାବିନେଟ ଏହି ବିଲ୍‌କୁ ଅନୁମୋଦନ କରିଥିବା ପ୍ରକାଶ । ଯଦି ଏହି ଆଇନ ଅନୁଯାୟୀ କୌଣସି ବ୍ୟକ୍ତି ଦୋଷୀସାବ୍ୟସ୍ତ ହୁଅନ୍ତି, ତେବେ ଉକ୍ତ ବ୍ୟକ୍ତିଙ୍କୁ ୧ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ସମେତ ସର୍ବନିମ୍ନ ୨୫ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରାଯିବ ବୋଲି ଜଣାପଡିଛି । ଅପରପକ୍ଷରେ ଯଦି କୌଣସି ନାବାଳିକା, ମହିଳା କିମ୍ବା ତପସିଲଭୁକ୍ତ ଜାତି/ଜନଜାତି ସମ୍ପ୍ରଦାୟ ମହିଳାଙ୍କୁ ବଳପୂର୍ବକ ଧର୍ମାନ୍ତରୀକରଣ କରାଯାଏ, ତେବେ ସେ କ୍ଷେତ୍ରରେ ଦୋଷୀଙ୍କୁ ୨ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଓ ସର୍ବନିମ୍ନ ୫୦,୦୦୦ ଟଙ୍କା ଜୋରିମାନା ଲାଗୁ କରାଯିବ ବୋଲି ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ଜଣାଇଛନ୍ତି । କ୍ୟାବିନେଟ ସ୍ୱୀକୃତି ପରେ ବର୍ତ୍ତମାନ ଉକ୍ତ ବିଲ୍‌କୁ ବିଧାନସଭାରେ ଉପସ୍ଥାପନ କରାଯିବ । ଏହି ନୂତନ ଆଇନ କାର୍ଯ୍ୟକାରୀ ହେଲେ, ପୂର୍ବରୁ ରହିଥିବା 'ମଧ୍ୟପ୍ରଦେଶ ଧର୍ମ ସ୍ୱତନ୍ତ୍ରତା ଅଧିନିୟମ, ୧୯୬୮' ଆଇନ ହଟିଯିବ ବୋଲି କୁହାଯାଇଛି । ବଳପୂର୍ବକ ଧର୍ମାନ୍ତରୀକରଣ ଜରିଆରେ ଦେଶରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାରୁ ଏଭଳି ଆଇନ ପ୍ରଣୟନ କରାଯାଉଛି ।

# କରୋନା କ୍ୟାଲେଣ୍ଡରରେ ୨୦୨୦

ବହୁ ସ୍ମୃତି ଆଉ ଅନୁଭୂତିକୁ ଛାଡ଼ି ଦେଇ ବିଦାୟ ନେଇଛି ୨୦୨୦ । ତଥାପି ନୂଆ କ୍ୟାଲେଣ୍ଡରରେ ନୂଆ ଆଶାନେଇ ରହିଛି ରହିବ କଟକ ସହର । ଗତ ୨୦୨୦ କଟକ ସହରକୁ ଅତିଦୟନୀୟ କରିପକାଇଥିଲେ ମଧ୍ୟ କେତେକ ସଫଳତା ପାଇଁ ଇତିହାସର ପୃଷ୍ଠାରେ ରହିଯିବ । କୋଭିଡ୍ ସମଗ୍ର ବିଶ୍ୱକୁ ଆକ୍ରାନ୍ତ କରିଥିଲା ବେଳେ ହଜାରବର୍ଷର କଟକ ସହର ବହୁ ପ୍ରଭାବିତ ହୋଇଛି । ଜନଜୀବନ ଅସ୍ତବ୍ୟସ୍ତ କରିପକାଇଛି । ବାରମ୍ବାର ଲକ୍‌ଡାଉନ, ସର୍ଟଡାଉନ, କଣ୍ଟେନମେଣ୍ଟ ଜୋନରେ ଜୀବନଜୀବିକା ଦୁର୍ବିସହ ହୋଇ ପଡ଼ିଛି । ମାତ୍ର ତାହାରି ମଧ୍ୟରେ କଟକ ସହର ତାର ଭୌଗଳିକ ରୂପରେଖ ବଦଳାଇବାକୁ କଦମ ବଢ଼ାଇଛି । ରାଜ୍ୟର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରେ ରହିଥିବା କଟକ ବଡ଼ମେଡ଼ିକାଲ (ଏସସିବି) ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ର ହେବାର ଯୋଗ୍ୟତା ଅର୍ଜନ କରିବା ସହ ଭିତ୍ତିଭୂମିର ବିକାଶ ମଧ୍ୟ ଆରମ୍ଭ ହୋଇଛି । ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ଯୋବ୍ରା ଠାରୁ ରାଣୀହାଟ ପୋଲ ପର୍ଯ୍ୟସ୍ତ ପ୍ରଶସ୍ତ ରାସ୍ତା ନିର୍ମାଣ ସହ ଏହାର ସୌନ୍ଦର୍ଯ୍ୟକରଣ କରାଯାଇଛି । ଏଥି ସହିତ ଯୋବ୍ରା କେନାଲବନ୍ଧର ଚକାଚକ୍ ନୂଆ ରାସ୍ତା ସାଙ୍ଗକୁ ଅତ୍ୟାଧୁନିକ ପାର୍କ ଓ ସେଠାରେ ଆଇ ଲଭ କଟକର ଲେଖା କଟକିଆଙ୍କ ଛାତିକୁ କୁଣ୍ଢେମୋଟ କରି ଦେଇଛି । କେବଳ ସେତିକି ନୁହେଁ ୨୦୨୦ ମଧ୍ୟ ବହୁ ପରିବାରର ଆଖିରେ ଲୁହ ଦେଇ କରୋନା ରୋଗରେ ନିଜ ଲୋକଙ୍କୁ ଛଡ଼ାଇ ନେଇଛି । ଏଥି ପାଇଁ ପ୍ରଶାସନଠାରୁ ଆରମ୍ଭ କରି ଶାସକଙ୍କ ପର୍ଯ୍ୟନ୍ତ ରକ୍ତଚାପ ବଢ଼ାଇ ଦେଇଛି । ଗୋଟିଏ ପରେ ଗୋଟିଏ ଦୁର୍ନୀତିକୁ ଧରାପକାଇବା ସହ ଅପରାଧ ଦମନ ପାଇଁ ପ୍ରଶାସନକୁ ଖୋରାକ ଯୋଗାଇଛି ।

- ସ୍ମୃତିରେ କଟକ
- ଉଜୁଡ଼ି ଯାଇଛି ସପନ
- ଆଖିଲୁହରେ ୨୦୨୦
- ଭକ୍ତଶୂନ୍ୟ ଦିଅଁ
- ଲକ୍‌ଡାଉନର କନିଆଁ



## କରୋନାରେ ଆଖିବୁଜିଲେ

କରୋନା ଆକ୍ରାନ୍ତ ହୋଇ ସିଏମସିର ଷ୍ଟାଟିଷ୍ଟିକାଲ ଅଧିକାରୀ ତଥା କରୋନା ଯୋଦ୍ଧା ବିଶ୍ୱନାଥ ଲେଙ୍କା ଶୋଇଗଲେ ଚିରନିଦ୍ରାରେ । ସେ କୋଭିଡ କେୟାର ସେଣ୍ଟର ଦାୟିତ୍ୱରେ ଥିଲେ । ବିଭିନ୍ନ ସ୍ଥାନରେ କଣ୍ଟେନମେଣ୍ଟ ଜୋନର ସ୍ଥିତି, ଲୋକଙ୍କ ସମସ୍ୟା, କରୋନା ସଂକ୍ରମିତଙ୍କ ଚିକିତ୍ସା ସମ୍ପର୍କରେ ତଦାରଖ କରୁକରୁ ପାଲଟିଗଲେ କରୋନା ଆକ୍ରାନ୍ତ । ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ଅକ୍ଟୋବର ୫ ତାରିଖରେ ଆଖିବୁଜିଦେଲେ ସବୁଦିନ ପାଇଁ । କଟକ ସହରକୁ ବିଭିନ୍ନ କ୍ଷେତ୍ରରେ ଋଦ୍ଧମନ୍ତ କରିଥିବା ଅନେକ ବିଶିଷ୍ଟ ବ୍ୟକ୍ତି ଚଳିତ ବର୍ଷ ଇହଲୀଳା ସମ୍ବରଣ କରି ପରଲୋକ ଗମନ କରିଛନ୍ତି । ସେମାନଙ୍କ ମଧ୍ୟରେ ଅଛନ୍ତି ବିଶିଷ୍ଟ ନେଫ୍ରୋଲୋଜିଷ୍ଟ ପ୍ରଫେସର ଡାକ୍ତର ଚିତ୍ତରଞ୍ଜନ କର । କିଡ଼ନୀ ପ୍ରତ୍ୟାରୋପଣ କ୍ଷେତ୍ରରେ ତାଙ୍କର ଭୂମିକାକୁ ଭୁଲି ହେବ ନାହିଁ । କରେନାରେ ଆକ୍ରାନ୍ତ ହେବାଯୋଗୁ ତାଙ୍କର କାଡ଼ାଭେରିକ୍ ଟ୍ରାନ୍ସପ୍ଲାଣ୍ଟ କରାଯାଇଥିଲା ବେଳେ ତାହା ବିଫଳ ହୋଇଯାଇଥିଲା । ଚେନ୍ନାଇରେ ମାତ୍ର ୫୬ ବର୍ଷ ବୟସରେ ଏକ ହସ୍ପିଟାଲ୍‌ରେ ତାଙ୍କର ପରଲୋକ ହୋଇଥିଲା । ବିଶିଷ୍ଟ ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ,ଗୀତିକାର, ନାଟ୍ୟକାର ଜୟଦେବ ପୁରସ୍କାରପ୍ରାପ୍ତ ସାରଦା ପ୍ରସନ୍ନ ନାୟକଙ୍କ ଏବର୍ଷ ପରଲୋକ ହୋଇଯାଇଛି । କୋଭିଡ଼୍‌ରେ ଆକ୍ରାନ୍ତ ହୋଇ ତାଙ୍କର ମୃତ୍ୟୁ ହୋଇଥିଲା ବେଳେ ୯୩ ବର୍ଷ ବୟସ ହୋଇଥିଲା । କାଳିଆବୁଦାରେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଥିଲା । ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପ୍ରଫେସର ସନାତନ ରଥଙ୍କ ପରଲୋକ ଘଟିଛି । ମୃତ୍ୟବେଳକୁ ତାଙ୍କୁ ୯୩ବର୍ଷ ବୟସ ହୋଇଥିଲା । ସେହିପରି ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅନ୍ନପୂର୍ଣ୍ଣା ଥିଏଟରର ସଭାପତି ଯୁଗ ପ୍ରକାଶ କାନୁନ୍‌ଗୋଙ୍କ କରୋନାରେ ପରଲୋକ ହୋଛି ପରଲୋକ ବେଳକୁ ତାଙ୍କୁ ୬୧ ବର୍ଷ ବୟସ ହୋଇଥିଲା ।

## ଏପ୍ରିଲ ମାସରେ ଚିହ୍ନଟ ହେଲେ କଟକର ପ୍ରଥମ କରୋନା ଆକ୍ରାନ୍ତ

କରୋନା ମହାମାରୀ ସଂକ୍ରମଣ ପରିପ୍ରେକ୍ଷୀରେ କଟକ ସହର ସମ୍ପୂର୍ଣ୍ଣ ଠପ୍ ହୋଇଗଲା । ତେବେ ବହୁ କରୋନା ସନ୍ଦିଗ୍ଧଙ୍କ ନମୂନା କଟକ ବଡ଼ମେଡ଼ିକାଲ ଏସସିବି )ରୁ ସଂଗ୍ରହ କରାଯାଇ ପୁନେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜିକୁ ପଠାଯାଇଥିଲା । ତେବେ କଟକରେ ଗତ ଏପ୍ରିଲ ମାସରେ ବକ୍ସିବଜାର ଅଞ୍ଚଳର ଜଣେ ବ୍ୟକ୍ତି ନିଜାମୁଦ୍ଦିନ ଧର୍ମୀୟ ସଭାରେ ଯୋଗଦେଇ ଫେରିବା ପରେ ପ୍ରଥମ କରୋନା ଆକ୍ରାନ୍ତ ଭାବେ ଚିହ୍ନଟ ହୋଇଥିଲେ । ଏହାପରେ କଟକ ସହରରେ ଦିନକୁ ଦିନ ବ୍ୟାପିବାରେ ଲାଗିଲା କରୋନା ତେବେ ଏପ୍ରିଲ ମାସରୁ ଆଜି ପର୍ଯ୍ୟନ୍ତ କଟକ ସହରରେ ୧୬ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି କରୋନା ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୮୫ଜଣଙ୍କ ମୃତ୍ୟୁ ହୋଇଛି । ଅବଶିଷ୍ଟ ସୁସ୍ଥ ହୋଇ ପାରିଛନ୍ତି ।




## ଆଇଆଇଏଫଏଲ ଲୁଟ୍




ନଭେମ୍ବର ୧୯ରେ ନୟାସଡକସ୍ଥିତ ଆଇଆଇଏଫଏଲରୁ ୨୦ କୋଟି ଟଙ୍କା ମୂଲ୍ୟର ସୁନା ଲୁଟ୍ ଓଡିଶାର ଦ୍ୱିତୀୟ ବୃହତ୍ତମ ଲୁଟ୍ । ଅନୁଗୁଳ ପରେ ଏହା ସର୍ବ ବୃହତ୍ ଲୁଟ୍ । ସଂସ୍ଥାର ୨ କର୍ମଚାରୀ ଯୋଜନା ବଦ୍ଧ ଭାବେ ସଂସ୍ଥାର ୩୭ କିଲୋଗ୍ରାମରୁ ଅଧିକ ସୁନା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା । ସଂସ୍ଥାର ୩ କର୍ମଚାରୀ, ସୁନା ବ୍ୟବସାୟୀ ଓ ମାନାପୁରମ କର୍ମଚାରୀ ସମେତ ୧୧ଜଣଙ୍କୁ ଗିରଫ କରିଥିଲା କମିଶନରେଟ ପୁଲିସ ।

## ଅପମିଶ୍ରିତ କାରଖାନାର ପେଣ୍ଠସ୍ଥଳ



ଅପମିଶ୍ରିତ କାରଖାନାର ପେଣ୍ଠସ୍ଥଳ ପାଲଟିଛି କଟକ ସହର ଓ ଏହାର ଉପକଣ୍ଠ । ଏଠାରେ ପ୍ରତେକ ସାମଗ୍ରୀକୁ ଅପମିଶ୍ରଣ କରାଯାଇ ବଜାରକୁ ଛଡାଯାଉଛି । ଖାଇବା ତେଲ ଠାରୁ ଆରମ୍ଭ କରି ଘିଅ, ମହୁ, ସସ୍, ଜର୍ଦ୍ଦା, ସିମେଣ୍ଟ, ଗଙ୍ଗା ଜଳ ପର୍ଯ୍ୟନ୍ତ ସବୁଥିରେ ଅପମିଶ୍ରଣ ହେଉଛି । ବର୍ଷକ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ନକଲି କାରଖାନା ଠାବ ହୋଇସାରିଲାଣି । ଏହାକୁ ନେଇ ଏବେ ଖାଉଟି ଚିନ୍ତାରେ ରହିଛନ୍ତି ।

## ଅନୁଭବ-ବର୍ଷା ବିବାଦ



ଅଭିନେତା ତଥା ସାଂସଦ ଅନୁଭବ ମହାନ୍ତି ଓ ପତ୍ନୀ ବର୍ଷାଙ୍କ ମଧ୍ୟରେ ବିବାଦ ଲାଗି ରହିଛି । ଏ ନେଇ ବର୍ଷା ଓ ଅନୁଭବ ବହୁବାର ପୁରୀଘାଟ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ମାମଲା କୋର୍ଟ କଚେରୀରେ ଚାଲୁଥିବା ବେଳେ ସାମାଜିକ ଗଣମାଧ୍ୟମରେ ଆରୋପ ପ୍ରତ୍ୟାରୋପ ଲାଗିରହିଛି । ମାମଲା ଉଭୟଙ୍କ ମଧ୍ୟରେ ସୀମିତ ନ ରହିନାହିଁ । ଉଭୟଙ୍କ ସମର୍ଥକ ମଧ୍ୟ ମୁହାଁମୁହିଁ ।

## ବଦଳିଲା କଟକର ରୂପରେଖ



ଜାନୁଆରୀ ୨୩ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଟକ ଗସ୍ତରେ ଆସି କଟକର ରୂପରେଖ ବଦଳାଇବା ଉପରେ ସମୀକ୍ଷା କରିଥିଲେ । ମହାନଦୀ କୂଳର ଉନ୍ନତିକରଣ ନିମନ୍ତେ ସମସ୍ତ ପ୍ରକାର ପଦକ୍ଷେପ ନିଆଯିବା ସହ ରିଙ୍ଗରୋଡ଼କୁ ୬ଲେନ ବିଶିଷ୍ଟ ରାସ୍ତା, କଟକ ସହରର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ମଧ୍ୟ ପଦକ୍ଷେପ ନିଆଯିବା ସହ କଟକ ସହର ଦେଇ ପ୍ରବାହିତ ହେଉଥିବା ମହାନଦୀ ରାଜ୍ୟର ଜୀବନରେଖା ହୋଇଥିବାରୁ ଏହି ନଦୀର ପୁନରୁଦ୍ଧାର ଜମିରୁ ସହରରେ ମୁକ୍ତ ପରିବେଶ ସହିତ ରିଭରଫ୍ରଣ୍ଟର ବିକାଶ କରାଯାଇ ପର୍ଯ୍ୟଟନ ପାଇଁ ସୁଯୋଗ ସୃଷ୍ଟି କରାଯିବା ପାଇଁ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ କଟକର ରୂପରେଖ ଧିରେ ଧିରେ ପରିବର୍ତ୍ତନ ହୋଇଛି । ପୁନରୁଦ୍ଧାର ହୋଇଥିବା ୪୨୪ ଏକର ପରିମିତ ଜମିର ପ୍ରତିଟି ଇଞ୍ଚକୁ ସହରବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ବିନିଯୋଗ କରାଯିବାକୁ କାର୍ଯ୍ୟ ଆରମ୍ଭ ହୋଇଛି । ସେହିଭଳି ମାର୍ଚ୍ଚମାସ ଠାରୁ ରାସ୍ତା ପ୍ରସ୍ତସ୍ଥିକରଣ, ବସ୍ତି ଉଚ୍ଛେଦ, ବସ୍ତିବାସିନ୍ଦାଙ୍କୁ ନୂତନ ସ୍ଥାନରେ ଥଇଥାନ କରାଯିବା ସହ ଯୋବ୍ରା ଠାରୁ ରାଣୀହାଟ ପର୍ଯ୍ୟନ୍ତ ନୂତନ ରାସ୍ତା ଓ ଆଲୋକୀକରଣ କରାଯାଇ ଅକ୍ଟୋବର ୧୦ତାରିଖରେ ତାହା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସି ମାଧ୍ୟମରେ ଉଦ୍‌ଘାଟିତ ହୋଇଯାଇଛି । କଟକ ବଡ଼ମେଡ଼ିକାଲକୁ ବିଶ୍ୱସ୍ଥରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବା ପାଇଁ ୫ଟି ସଚିବ ଭି.କେ. ପାଣ୍ଡିଆନ ମଧ୍ୟ କଟକ ମେଡ଼ିକାଲ ସହିତ ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ ।

## ସବୁ ସୁଖ ଛଡ଼ାଇ ନେଲା କରୋନା



କଳା ସଂସ୍କୃତିର ସହର କଟକରେ କରୋନା ସବୁକିଛି ପର୍ବପର୍ବାଣୀକୁ ଫିକା କରିଦେଇଛି । ଚଳିତ ବର୍ଷ ଆରମ୍ଭରୁ ଲୋକେ ଚଳିତ ବର୍ଷ ପୂଜା ପାର୍ବଣ ପାଇଁ ବିଭିନ୍ନ ଯୋଜନା କରିଥିବାବେଳେ ସବୁକିଛି ଧୋଇ ହୋଇ ଯାଇଛି । ଗଣେଷ ପୂଜା ଠାରୁ ଆରମ୍ଭ କରି ବାଲିଯାତ୍ରା ପର୍ଯ୍ୟନ୍ତ ସବୁକିଛି ଚାଲିଗଲା କଟକଣା ଭିତରେ । କେବଳ ବିଧି ଅନୁଯାୟୀ ମଣ୍ଡପରେ ୪ଫୁଟ ଉଚ୍ଚତାର ମୂର୍ତ୍ତି ପୂଜା ପାଇଥିଲା ସିନା ହେଲେ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ । ବିଭିନ୍ନ ବିବାହ, ବ୍ରତ ତଥା ସଭାସମିତିକୁ ବନ୍ଦ କରିଦେଲା କରୋନା । ଉଜୁଡ଼ି ଗଲା ଜୀବନ ଜୀବିକା । ଟେଣ୍ଟ ହାଉସ ଠାରୁ ଆରମ୍ଭ କରି ଲାଇଟ ସାଉଣ୍ଡ ବ୍ୟବସାୟ କରୁଥିବା ବ୍ୟକ୍ତିମାନେ ରୋଜଗାର ହରାଇ ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି । ଚଳିତ ବର୍ଷ ଐତିହାସିକ ବାଲିଯାତ୍ରା ମଧ୍ୟ ବନ୍ଦ ହୋଇଗଲା । ଜନସାଧାରଣ ଆର୍ଥିକ ସାମାଜିକସ୍ତରରେ ପ୍ରଭାବିତ ହୋଇପଡ଼ିଛନ୍ତି । ୨୦୨୦ରେ କରୋନା ସବୁ ସୁଖ ଛଡ଼ାଇ ନେଇଛି ।




# ଗାଁ ଛାଡୁ ନାହାନ୍ତି ହାତୀପଲ, ନାକେଦମ୍ ବନକର୍ମଚାରୀ



**ଚୌଦ୍ୱାର (ଏନ୍.ଏମ୍.):** କଟକ ବନଖଣ୍ଡ ଅନ୍ତର୍ଗତ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ଡାଳିଯୋଡ଼ା ସଂରକ୍ଷିତ ବନାଞ୍ଚଳ ଓ ଏହାର ଆଖପାଖ ଗ୍ରାମାଞ୍ଚଳରେ ଏକ ହାତୀପଲ ଦୀର୍ଘ ୨ମାସ ହେଲା ଉପଦ୍ରବ ଚଳାଇବା ସହିତ ଚାଷ ଜମିରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଏହି ହାତୀ ପଲରେ ୩୦ଟି ବଣୁଆ ହାତୀ ରହିଛନ୍ତି। ବଣୁଆ ହାତୀଙ୍କ ଆକ୍ରମଣରେ ଅନେକ ଆହତ ହେବା ସହିତ ଜଣେ ଲୋକର ମୃତ୍ୟୁ ମଧ ଘଟିଲାଣି। ଚନ୍ଦକା ଜଙ୍ଗଲରୁ ଆସିଥିବା ଏହି ଜଙ୍ଗଲି ହାତୀପଲ ଦିନରେ ଡାଳିଯୋଡ଼ା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ଜଙ୍ଗଲରେ ଲୁଚି ରହୁଛନ୍ତି ଏବଂ ସଂଧ୍ୟା ହେଲେ ଜଙ୍ଗଲରୁ ବାହାରି ଜଙ୍ଗଲର ପ୍ରାୟ ୧୦ କି.ମି. ପରିମିତ ଗ୍ରାମ ଗୁଡ଼ିକର ଧାନ ବିଲରେ ପଶି ବ୍ୟାପକ ପାଚିଲା ଧାନ ଫସଲ ଖାଇଯିବା ସହିତ ପାଦରେ ଦଳି ମକଚି ନଷ୍ଟଭ୍ରଷ୍ଟ କରି ପକାଉଛନ୍ତି। ଏହି ହତୀ ପଲକୁ ଘଉଡ଼େଇବା ପାଇଁ ଗ୍ରାମବାସୀ ଓ ବନ କର୍ମଚାରୀ ମାନେ ସବୁ ପ୍ରକାର ଉଦ୍ୟମ ଚଳାଇଥିଲେ ମଧ ସେମାନଙ୍କୁ ସମ୍ପୂର୍ଣ୍ଣଭାବେ ଅଞ୍ଚଳରୁ ବିଦା କରିବାରେ ସଫଳ ହୋଇ ପାରୁନାହାନ୍ତି। ଏହି ହାତୀପଲ ଟାଙ୍ଗୀ-ଚୌଦ୍ୱାର ବ୍ଲକର ସଫା, କହ୍ନେଇପୁର, ଉଚ୍ଚପଦା, ଶାଳଗାଁ, ନଖରା, ଆଗ୍ରାହାଟ, ଶଙ୍କରପୁର, ବ୍ରହ୍ମପୁର, ବଡ଼ପଦାଗାଁ, ଇନ୍ଦ୍ରାଣୀପାଟଣା, ବାଣୀପଦା, କୟଲପଡ଼ା ଆଦି ସ୍ଥାନରେ ଆତଙ୍କ ସୃଷ୍ଟି କରିଛନ୍ତି। ସ୍ଥାନୀୟ ଆଗ୍ରାହାଟ ପଞ୍ଚାୟତର କୁଜିବର, ଭରାଣ୍ଡି, ନୂଆଗାଁ ଶାଳଗାଁ ପଞ୍ଚାୟତର ଶାଳଗାଁ, ଦାମଦୋରପୁର, ବ୍ରାହ୍ମଣୀସେଣା, ଜୟପୁର, ପଧାନିଆ ଆଦି ଗ୍ରାମର ଧାନବିଲ ସମେତ ଘରେ ପଶି ଧାନ ନଷ୍ଟ କରିଛନ୍ତି। ଏତେ ବଡ଼ ହାତୀ ପଲକୁ ଦେଖି ସ୍ଥାନୀୟ ଲୋକେ ଆତଙ୍କିତ ହୋଇ ପଡିଥିଲେ। ଖବରପାଇ ଚୌଦ୍ୱାର ବନକର୍ମଚାରୀ ମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ହାତୀ ମାନଙ୍କୁ ବାଜା, ନିଆଁହୁଳା ଆଦି ସାହାଯ୍ୟରେ ଘଉଡାଇବା ଫଳରେ ହାତୀପଲ ଭରାଣ୍ଡି ନିକଟ ଥିବା ହନୁମାନ ହୁଡା ଜଙ୍ଗଲରେ ପଶି ଲୁଚି ରହିଥିଲେ। ହାତୀଙ୍କ ଗତିପଥକୁ ଦିନ ତମାମ ବନକର୍ମଚାରୀମାନେ ଦିନ ତମାମ ହୁଡ଼ା ନିକଟରେ ଜଗିରହି ହାତୀମାନଙ୍କ ଗତିବିଧି ଉପରେ ନଜର ରଖିଥିଲେ। ତେବେ ଏହି ହାତୀ ପଲରୁ ୧୬ଟି ହାତୀ ବାହାରି ବାଣୀପଦା ଗହିର ଦେଇ ଛତିଶା ଅଭିମୁଖେ ଯାଇଥିବା ବନ କର୍ମଚାରୀମାନଙ୍କ ସୂତ୍ରରୁ ପ୍ରକାଶ। ସଂଧ୍ୟା ପରେ ହାତୀମାନେ ପୁଣି ଚାଷ ଜମିରେ ପଶିବାର ଆଶଙ୍କାରେ ବନ କର୍ମଚାରୀ ଓ ଗ୍ରାମବାସୀ ଜଙ୍ଗଲ ଚାରି ପାଖରେ ଜଗି ରହି ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି ବୋଲି ଚୌଦ୍ୱାର ଫରେଷ୍ଟର ପୁରୁଷୋତ୍ତମ ସାହୁ ସୂଚନା ଦେଇଛନ୍ତି। ବନବିଭାଗ ତରଫରୁ ହାତୀମାନଙ୍କୁ ଜଙ୍ଗଲାଭିମୁଖୀ କରିବା ପାଇଁ ଉଦ୍ୟମ ଜାରୀ ରଖିଥିବା ଶ୍ରୀ ସାହୁ ପ୍ରକାଶ କରିଛନ୍ତି। ତେବେ ହାତୀ ଆକ୍ରମଣରେ ଯାଜଭୈରବ ନୂଆଗାଁ ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ମହିଷାଲଣ୍ଡା ଗ୍ରାମର ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ହାତୀ ଉପଦ୍ରବ ଯୋଗୁଁ ସେହିଭଳି ଶହ ଶହ ଏକର ଚାଷ ଜମି ଉଜୁଡ଼ି ଯାଇଥିବାବେଳେ ଲୋକେ ଘରେ ଅମଳ କରି ସାଇଥିବା ବର୍ଷକ ଆହାର ମଧ ହାତୀ ଖାଇ ଯାଉଛନ୍ତି। ଫଳରେ ଚାଷୀ ହତାସ ହୋଇଥିବା ଅଭିଯୋଗ କରିଛନ୍ତି। ତେବେ ହାତୀ ଯୋଗୁଁ ନଷ୍ଟ ହୋଇଥିବା ଫସଲ ତଥା ଘରୁ ଖାଇ ଯାଇଥିବା ଧାନର କ୍ଷତିପୂରଣ ନଦେଲେ ଲୋକେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ସୂଚନା ଯୋଗୁଁ ଯେ, ହାତୀପଲ ଗ୍ରାମାଭିମୁଖୀ ହେବା ନୂଆ କଥା ନୁହେଁ। ପ୍ରତିବର୍ଷ ଡିସେମ୍ବର ମାସରୁ ଜାନୁଆରୀ ମାସ ଶେଷ ପର୍ଯ୍ୟନ୍ତ ବିଭିନ୍ନ ଜଙ୍ଗଲ ଉପକଣ୍ଠ ଗ୍ରାମଗୁଡ଼ିକରେ ହାତୀ ପ୍ରବେଶ କରିଥାନ୍ତି। ଏହି ସମୟରେ ଧାନ ଅମଳ ହେଉଥିବାରୁ ଖାଦ୍ୟ ପାଇବା ଆଶାରେ ହାତୀମାନେ ଗ୍ରାମାଭିମୁଖୀ ହେଉଥିବା କୁହାଯାଉଛି। ତେବେ ହାତୀମାନଙ୍କୁ ପର୍ଯ୍ୟାପ୍ତ ଖାଦ୍ୟ ଓ ପାନୀୟ ଜଳ ଯୋଗାଇବା ସହିତ ଜଙ୍ଗଲ ବାହାରକୁ ନଯିବା ପାଇଁ ବନବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ତଥା ସୌରଶକ୍ତି ଚାଳିତ ବିଦ୍ୟୁତ ତାର ବାଡ଼ ପାଇଁ ଯୋଜନା କରାଯାଇଥିଲା। ଏଥି ପାଇଁ କାମ୍ପା ଫଣ୍ଡରେ ମଧ କୋଟି କୋଟି ଟଙ୍କାର ରାଜସ୍ୱ ବ୍ୟୟ କରାଯାଇଛି। ହେଲେ ଏହି ପ୍ରକଳ୍ପରେ ବ୍ୟାପକ ଅନିୟମିତତା ଯୋଗୁଁ ସରକାରଙ୍କ ଏହି ଯୋଜନା ସଫଳ ହୋଇ ପାରୁନଥିବା ସାଧାରଣରେ ଅଭିଯୋଗ ଉଠିଛି। ଯେଉଁ ଜଙ୍ଗଲରେ ହାତୀ ରହିବେ ସେଠାରେ ବ୍ୟାପକ ଜାମୁକୋଳି, ବର ଆଦି ବଡ଼ବଡ଼ ଗଛ ଲଗାଇବା, ଜଳାଶୟ ବ୍ୟବସ୍ଥା କରିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଚୁର ଅର୍ଥ ଦିଆଯାଇଥିଲେ ମଧ ବିଭାଗୀୟ ଅଧିକାରୀମାନେ ଏହାକୁ ଚଲୁ କରିଦେଇଥିବା ଚର୍ଚ୍ଚା ହେଉଛି। ଫଳରେ ହାତୀମାନେ ଖାଇବାକୁ ନପାଇ ପେଟ ବିକଳରେ ଗ୍ରାମାଭିମୁଖୀ ହେଉଥିବା ଜଙ୍ଗଲପ୍ରେମୀମାନେ ଅଭିଯୋଗ ଆଣିଛନ୍ତି। ତେଣୁ ସରକାରଙ୍କ ଏହି ଅର୍ଥ ବ୍ୟୟର ବିଧିବଦ୍ଧ ତଦନ୍ତ କରାଗଲେ ବହୁ ବିଭାଗୀୟ ଅଧିକାରୀଙ୍କ ଅସଲ ମୁଖା ଖୋଲିଯିବ ବୋଲି କୁହାଯାଉଛି।

# ୨୮ମାସର ବର୍ଦ୍ଧିତ ପାରିଶ୍ରମିକ ଦାବିରେ ବିକ୍ଷୋଭ




**ନିଶ୍ଚିନ୍ତକୋଇଲି (ଏନ୍.ଏମ୍.):** ଏଆଇୟୁଟିୟୁସି ସହବନ୍ଧିତ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ସାରା ଓଡିଶା ଦାବି ସପ୍ତାହ ପାଳନ ଅବସରରେ ଆଜି ନିଶ୍ଚିନ୍ତକୋଇଲି ଶିକ୍ଷା ମଣ୍ଡଳ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ପାଚିକା-ସହାୟିକା ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନିଶ୍ଚିନ୍ତକୋଇଲି ବିଇଓଙ୍କୁ ପ୍ରଦାନ କରିଥିଲେ। ୨୦୦୯ ନଭେମ୍ବରରୁ ୨୦୧୨ ଏପ୍ରିଲ ପର୍ଯ୍ୟନ୍ତ କାମ କରିଥିବା ସମସ୍ତ ପାଚିକାମାନଙ୍କ ନିର୍ଭୁଲ ତାଲିକା ପ୍ରସ୍ତୁତ କରି ୨୮ ମାସର ବର୍ଦ୍ଧିତ ବକେୟା ପାରିଶ୍ରମିକ ତୁରନ୍ତ ପ୍ରଦାନ କରିବା, ସରକାରଙ୍କ ଦ୍ୱାରା ଘୋଷିତ ୧୪ ହଜାର ୩୭୯ ସରକାରୀ ପ୍ରାଥମିକ ବିଦ୍ୟାଳୟ ବନ୍ଦ ନିଷ୍ପତ୍ତିକୁ ପ୍ରତ୍ୟାହାର କରିବା, ସ୍କୁଲ ବନ୍ଦ, ମିଶ୍ରଣ ଓ ପିଲା ସଂଖ୍ୟା କମ ପାଇଁ ବାଦ ପଡିଥିବା ସମସ୍ତ ପାଚିକାଙ୍କୁ ଅନ୍ୟତ୍ର ନିଯୁକ୍ତିକୁ ନିଶ୍ଚିତ କରିବା, କରୋନା ସମୟରେ ପ୍ରତିମାସ ନିୟମିତ ପାରିଶ୍ରମିକ ପ୍ରଦାନ କରିବା, ପାଚିକାମାନଙ୍କୁ କରୋନା ସହାୟତା ୧୦ ହଜାର ଟଙ୍କା ପ୍ରଦାନ କରିବା, ପାଚିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ଓ ସର୍ବନିମ୍ନ ମାସିକ ମଜୁରୀ ୨୧ ହଜାର ଟଙ୍କା ପ୍ରଦାନ କରିବା, ସରକାରଙ୍କ ପ୍ରତିଶ୍ରୁତି ମୁତାବକ ପାଚିକାମାନଙ୍କୁ ୨୦୧୮ ଏପ୍ରିଲଠାରୁ ମାସିକ ୨ ହଜାର ଟଙ୍କା ବକେୟା ଭାବେ ପ୍ରଦାନ କରିବା ପ୍ରଭୃତି ୭ ଦଫା ଦାବି ସମ୍ବଳିତ ସ୍ମାରକ ପତ୍ର ପ୍ରଦାନ କରାଯାଇ ଏହାକୁ ଅବିଳମ୍ବେ ପୂରଣ କରିବାକୁ ଦାବି କରାଯାଇଥିଲା। ନଚେତ ଆଗାମୀ ଦିନରେ ଏହାକୁ ନେଇ ଆହୁରି ଶକ୍ତିଶାଳୀ ଆନ୍ଦୋଳନ କରାଯିବ ବୋଲି ଚେତାବନି ଦିଆଯାଇଛି। ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘର କଟକ ଜିଲ୍ଲା କମିଟି ସଭାପତି ରାଜକିଶୋର ମଲ୍ଲିକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ନିଶ୍ଚିନ୍ତକୋଇଲି ବ୍ଲକ କମିଟି ସଭାପତି ପରମାନନ୍ଦ ସେଠୀ, ଉର୍ମିଳା ବେହେରା, ଟୁକୁନି ପୃଷ୍ଟି, ମେନକା ଓଝା, ସଂଜୁଲତା ସାହୁ, ମିନାକ୍ଷୀ, ସଂଗୀତା ରାଉତ, ଅଜୟ ମଲ୍ଲିକ, ସେକ୍ ଅମଜାଦ୍ ଅଲ୍ଲି, ହୃଷିକେସ ପଣ୍ଡା ଆଦି ବକ୍ତବ୍ୟ ଉପସ୍ଥାପନ କରିଥିଲେ।

# କାଠଗଡ଼ାରେ ବଡ଼ମ୍ବା ଚିନିକଳ

**ଆଠଗଡ(ଏନ୍.ଏମ୍.):** ଅଦାଲତର କାଠଗଡାରେ ରହିଥିବା ବଡମ୍ବା ସମବାୟ ଚିନିକଳର ପୁନରୁଦ୍ଧାର ହେବ ନା ଅଚଳ ହୋଇପଡିଥିବା ଏହି ଚିନିକଳ ଇତିହାସ ପାଲଟିବ ତାହା ବଡମ୍ବା ଅଞ୍ଚଳବାସୀଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି କରିଛି। କୃଷି ଓ କୃଷକର ଉନ୍ନତି ପାଇଁ ରାଜ୍ୟ ସରକାର ଅହରହ ଉଦ୍ୟମ କରୁଥିବା ଡିଣ୍ଡିମ ପିଟି ଚାଲିଛି। ହେଲେ କୃଷି ଓ କୃଷକଙ୍କ ଉନ୍ନତି ଏହି ସରକାର କେତେ ତତ୍ପର, ତା'ର ମୂକସାକ୍ଷୀ ହେଉଛି କଟକ ଜିଲ୍ଲା ବଡ଼ମ୍ବାର ସୁନାପାଳ ଠାରେ ଥିବା ସମବାୟ ଚିନିକଳ। ଓଡ଼ିଶାରେ ପୁଞ୍ଜି ନିବେଶ ପାଇଁ ଶିଳ୍ପପତିଙ୍କୁ ଆହ୍ୱାନ କରୁଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବତନ ମନ୍ତ୍ରୀ ତଥା ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ରଙ୍କ ଜରିଆରେ, ଲାଭରେ ଚାଲୁଥିବା ଏହି ଚିନିକଳକୁ ବନ୍ଦ କରିବା ପାଇଁ ପଥ ପରିଷ୍କାର କରିଦେଇଥିଲେ। ହଜାର ହଜାର କୃଷକଙ୍କ ଆଶା ଓ ଭରସାର ଏହି ଚିନିକଳ ଆଜି ଇତିହାସ ତଥା ସ୍ମୃତି ପାଲଟିଛି। ଆଉ ସେପଟେ ବନ୍ଦ କାରଖାନାରେ ଥିବା ଯନ୍ତ୍ରାଂଶଗୁଡିକ ଚୋରି ହେବାରେ ଲାଗିଥିବା ଅଭିଯୋଗ ହେଉଛି। କୋଟି କୋଟି ଟଙ୍କାର ଯନ୍ତ୍ରାଂଶ କାରଖାନା ମଧ୍ୟରୁ ଚୋରି ହୋଇଥିଲେ ମଧ ଏହାର ତଦାରଖ କରିବାକୁ କେହି ନାହିଁ। ମାମଲା ହାଇକୋର୍ଟରେ ପଡି ରହିଥିବା ବେଳେ କାରଖାନା ଦାୟିତ୍ୱରେ ରହିଛି ଅଭିଯୁକ୍ତ ବାଲାଜି ସୁଗାର୍ସ ମାଲିକ। ଚୋର ହାତରେ ଚାବି କାଠି ରହିଥିବାରୁ ଚୋରି ସମ୍ପର୍କରେ କିଛି ଅଭିଯୋଗ ପଦାକୁ ଆସୁନାହିଁ। ଆଉ ଯାହା କିଛି ଯନ୍ତ୍ରାଂଶ ରହିଛି ତାହା ଖତ ଖାଉଛି। ୧୯୮୨ ମସିହା ଡିସେମ୍ବର ୮ତାରିଖରେ ବଡମ୍ବା ଅଞ୍ଚଳର ୪୮୯୧ଜଣ ଚାଷୀଙ୍କ ମିଳିତ ଉଦ୍ୟମରେ ଜନ୍ମ ନେଇଥିଲା ବଡମ୍ବା ସମବାୟ ଚିନିକଳ। ରାଜ୍ୟ ସରକାରଙ୍କ ସମବାୟ ବିଭାଗର ନିୟମ ଅନୁସାରେ ଏହା ପଞ୍ଜିକୃତ ହୋଇଥିଲା। ବଡମ୍ବା ଅଞ୍ଚଳକୁ ଶିଳ୍ପ ସମୃଦ୍ଧ କରିବା ସହ ସ୍ଥାନୀୟ ଅଞ୍ଚଳ ଲୋକଙ୍କ ଅର୍ଥନୈତିକ ଉନ୍ନତି ଓ ବଡମ୍ବାକୁ ବିକାଶ ପଥରେ ଆଗେଇ ନେବା ଥିଲା ତଥାକଥିତ କୃଷକମାନଙ୍କ ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ଏଥିପାଇଁ କୃଷକ ଓ ସଭ୍ୟମାନେ ୮ କୋଟି ୧୩ ଲକ୍ଷ ୧୩ହଜାର ୮୧୧ ଟଙ୍କା ଅଂଶଧନ ଜମା କରିଥିଲେ। ସେମାନଙ୍କ ଏହି ଅଂଶଧନ ଚିନିକଳ ପ୍ରତିଷ୍ଠା ପାଇଁ ରାସ୍ତା ପରିଷ୍କାର କରିଥିଲା। ଚିନିକଳ ପାଇଁ ଆବଶ୍ୟକ ୧୩୩ ଏକର ଜମି ଅଧିଗ୍ରହଣ କରାଯାଇଥିଲା। ବଡମ୍ବା ସମବାୟ ଚିନିକଳ ନାମରେ ଅଧିଗ୍ରହଣ ଜମି ଓ ଅଂଶଧନକୁ ଦେଖି ଆଇଡିବିଆଇ ବ୍ୟାଙ୍କ ମଞ୍ଜୁର କରିଥିଲା ୧୨କୋଟି ଟଙ୍କା ଋଣ। ଏହି ଟଙ୍କାରେ ନିର୍ମାଣ ହେଲା ଚିନି କାରଖାନା।

ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ୧୯୮୪ ମସିହାରେ ଏହି ଚିନିକଳର ଭିତ୍ତିପ୍ରସ୍ତର ଦେଇଥିଲେ ଓ ତାହା ୧୯୮୯ ମସିହାରେ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ରାଜ୍ୟ ସମବାୟ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାରଖାନାରୁ ଉତ୍ପାଦିତ ଚିନିର ଚାହିଦା ବଜାରରେ କିଛି କମ୍ ନଥିଲା। ମାତ୍ର ବିଡମ୍ବନାର ବିଷୟ ସମବାୟ ବିଭାଗର କିଛି ଅସାଧୁ କର୍ମଚାରୀ ଓ ସ୍ଥାନୀୟ ରାଜନେତାଙ୍କ ହସ୍ତକ୍ଷେପ ଫଳରେ ଏହି ଚିନିକଳ ପରିଚାଳନାରେ ବିଭ୍ରାଟ ସୃଷ୍ଟିହେଲା। ପରିଚାଳନାଗତ ତ୍ରୁଟି ଓ ଆର୍ଥିକ ଅନଟନ ଯୋଗୁଁ ୧୯୯୧ ମସିହାରେ ଏହି କାରଖାନାର ଭାଗ୍ୟ ଅନ୍ଧକାର ଆଡକୁ ଠେଲି ହୋଇପଡିଲା। ଉପଯୁକ୍ତ ଅଡିଟ୍, ଦୁର୍ନୀତଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଏହି କାରଖାନାକୁ ତାମିଲନାଡୁର ଶକ୍ତି ସୁଗାର୍ସ ଲିମିଟେଡ୍ ନାମକ ଏକ ଘରୋଇ କମ୍ପାନୀକୁ ପ୍ରଥମେ ୧୦ବର୍ଷ ଓ ପରେ ୩ ବର୍ଷ ପାଇଁ ଲିଜ୍ ସୂତ୍ରରେ ଦେଇ ଦେଲେ। ଏହି ସଂସ୍ଥା ଠିକ୍ ରୂପେ କାର୍ଯ୍ୟନିର୍ବାହ କରିଥିଲା। ଚାଷୀଙ୍କୁ ଋଣ ଦେବା ସହ ବଡମ୍ବା ଅଞ୍ଚଳରେ ଆଖୁ ଉତ୍ପାଦନ ବୃଦ୍ଧିପାଇଁ ପଦକ୍ଷେପ ନେଇଥିଲା। ୧୯୯୧ରୁ ୨୦୦୪ ମସିହା ପର୍ଯ୍ୟନ୍ତ ବଡମ୍ବା ଚିନିକଳ ପାଇଁ 'ସୁବର୍ଣ୍ଣ ସମୟ' ଥିଲା। ଚୁକ୍ତି ଅବଧି ସରିବା ପରେ ଶକ୍ତି ସୁଗାର କର୍ତ୍ତୃପକ୍ଷ କାରଖାନାକୁ ବଡମ୍ବା ସମବାୟ ଚିନିକଳ ସଂସ୍ଥାକୁ ହସ୍ତାନ୍ତର କଲା। ପରିଚାଳନା ଦାୟିତ୍ୱରେ ଥିବା କର୍ମକର୍ତ୍ତାମାନେ କାରଖାନାକୁ ସମବାୟ ସମିତି ଅଧିନରେ ରଖି କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ କଲେ। ତତ୍କାଳୀନ ରାଜ୍ୟ ସମବାୟ ମନ୍ତ୍ରୀ ସୁରମା ପାଢୀ ଓ ସ୍ଥାନୀୟ ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କ ମିଳିତ ଉଦ୍ୟମରେ ଚିନିକଳ ପରିଚାଳନା ପାଇଁ ବସିଥିଲା ଏକ ଉଚ୍ଚସ୍ତରୀୟ ବୈଠକ। ଏହାକୁ ବିକ୍ରି କରାଯିବ ନାହିଁ, ରାଜ୍ୟ ସମବାୟ ସଂସ୍ଥା ଏହାକୁ ଚଳାଇବ ବୋଲି ସେ ସମୟରେ ବିଧାୟକ ଶ୍ରୀ ମିଶ୍ର ଦୃଢୋକ୍ତି ପ୍ରକାଶ କରିଥିଲେ। ବୈଠକର ନିଷ୍ପତ୍ତି ଅନୁସାରେ ୨୦୦୪-୦୫ ମସିହାରୁ ସମବାୟ ସଂସ୍ଥା ଏହି କାରଖାନାର ପରିଚାଳନା ଭାର ଗ୍ରହଣ କରିଥିଲା। ମାତ୍ର ବର୍ଷକପରେ କିଛି ହୀନଚକ୍ରାନ୍ତ ଗୋଷ୍ଠୀଙ୍କ ଚାପରେ ପଡି ରାଜ୍ୟସରକାର ମନଇଚ୍ଛା ଏହି ଚିନି କଳକୁ ଲକ୍ଷ୍ମୀପତି ବାଲାଜୀ ସୁଗାର୍ସ ନାମକ ଏକ ସଂସ୍ଥାକୁ ୮କୋଟି ୨୮ଲକ୍ଷ ୫୦ହଜାର ଟଙ୍କାରେ ବିକ୍ରି କରିଦେଲେ। ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଏହି ଚିନିକଳକୁ ବିକ୍ରିବେଳେ ଅଂଶଧନ ଦେଇ କାରଖାନା ଗଢିଥିବା ୫ ହଜାର ଚାଷୀଙ୍କ ଅଂଶଧନ ସମ୍ପର୍କରେ ରାଜ୍ୟ ସରକାର ଚିନ୍ତା ମଧ କଲେ ନାହିଁ। ସମବାୟ ଭିତ୍ତିରେ ଚାଲିଥିବା ଏହି କାରଖାନା ଘରୋଇକରଣ ହେବାପରେ ଚାଷୀଙ୍କ ଆଶା ମଉଳି ଗଲା। କାରଖାନା ମାଲିକ ଗୌରବ ଅଗ୍ରୱାଲ ଅସାଧୁ ସରକାରୀ ବାବୁ ଓ ରାଜନେତାଙ୍କୁ ସରକାରଙ୍କୁ ଠକିବାକୁ ଅଣ୍ଟା ଭିଡିଲେ। ନିଲାମ ବାବଦ ଶ୍ରୀ ଅଗ୍ରୱାଲ ଦେଇଥିବା ୮ କୋଟି ୨୮ଲକ୍ଷ ୫୦ ହଜାର ଟଙ୍କାର ବ୍ୟାଙ୍କ ଚେକ୍ ବାଉନ୍ସ ହୋଇଥିଲା। ଶ୍ରୀ ଅଗ୍ରୱାଲଙ୍କ ଏହି ଠକାମୀ ଧରାପଡିବା ପରେ ରାଜ୍ୟ ସରକାର ଭୁବନେଶ୍ୱର ଏସଡିଜେଏମଙ୍କ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ମାତ୍ର ଅସାଧୁ ସରକାରୀ ବାବୁ ଓ ରାଜନେତା ମାନେ ନୀରବ ବସିଲେ ନାହିଁ। ସେମାନେ ଚକ୍ରାନ୍ତ କରି ପୁନର୍ବାର ଶ୍ରୀ ଅଗ୍ରୱାଲଙ୍କ ଭାଇ ସୌରଭ ଅଗ୍ରୱାଲାଙ୍କ ପୂର୍ବ ନିର୍ଦ୍ଧାରିତ ଦରରେ କାରଖାନାକୁ ବିକ୍ରି କରିଦେଲେ। ବିକ୍ରି କରିବା ପୂର୍ବରୁ ସରକାରଙ୍କ ସହ ଶ୍ରୀ ଅଗ୍ରୱାଲ କରିଥିବା ଚୁକ୍ତିକୁ ସରକାର ମାନିନେଇ ଥିଲେ। ମାତ୍ର ଶ୍ରୀ ଅଗ୍ରୱାଲ କୌଣସି ଏକ ଚୁକ୍ତି ଖିଲାପ କରିବାରୁ ରାଜ୍ୟ ସରକାର କୈଫୟତ ତଲବ କରିଥିଲେ। ଯାହା ଶ୍ରୀ ଅଗ୍ରୱାଲଙ୍କୁ ଅଦାଲତରେ ଆଶ୍ରୟ ନେବା ପାଇଁ ବାଟ ଫିଟାଇଥିଲା। ଲକ୍ଷ୍ମୀପତି ବାଲାଜୀ ସୁଗାର ଆଣ୍ଡ ଡିଷ୍ଟିଲାରୀ(ପ୍ରା)ଲିମିଟେଡ ପକ୍ଷରୁ ସରକାରଙ୍କ ବିରୋଧରେ ଏକ ରିଟ୍ ପିଟିସନ (ନଂ-୨୧୨୫/୨୦୧୫) ଦାୟର ହୋଇଛି। ଏହି ମାମଲା ପରେ ଏକାଧିକ ମାମଲାରେ ଛନ୍ଦି ହୋଇପଡିଛି ଚିନିକଳ। ଏହିସବୁ ମାମଲାର ତୁରନ୍ତ ସମାଧାନ ପାଇଁ ସୁପ୍ରିମକୋର୍ଟ ଓଡ଼ିଶା ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଶ୍ରୀ ଜଗନ୍ନାଥ ମଲ୍ଟିପରପସ କୋ.ଅପରେଟିଭ ସୋସାଇଟି ଏହି ମାମଲାରେ ପକ୍ଷଭୁକ୍ତ ହେବାପାଇଁ ଏକ ମିସକେଶ ନଂ-୧୦୬୨୯/୨୦୧୪ ରୁଜୁ ହୋଇଛି। ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବାଲାଜୀ କର୍ତ୍ତୃପକ୍ଷ କାରଖାନାରେ କାର୍ଯ୍ୟରତ କୌଣସି କର୍ମଚାରୀଙ୍କୁ ରଖିଲା ନାହିଁ। ଏହାପରେ ସେ ବଡମ୍ବା ସମବାୟ ଚିନିକଳର ନାମ ପରିବର୍ତ୍ତନ କରି ଲକ୍ଷ୍ମୀପତି ବାଲାଜୀ ସୁଗାର ଆଣ୍ଡ ଡିଷ୍ଟିଲାରିଜ୍(ପ୍ରା) ଲିମିଟେଡ ରଖିଲା। ଏହି ନାମରେ କିଛିଦିନ କାରଖାନା ଚଳାଇବା ପରେ ଧିରେଧିରେ କାରଖାନା ବନ୍ଦ କରିବାକୁ ଚକ୍ରାନ୍ତ ହେଲା। ଏହା ଜଣାପଡ଼ିବା ପରେ ବଡମ୍ବାର ସ୍ୱାଭିମାନୀ ଅଧିବାସୀ ତଥା ଅଞ୍ଚଳର କୃଷକ ସଂଗଠନ ପକ୍ଷରୁ ମିଳିତ ଭାବେ ଆନ୍ଦୋଳନ ଆରମ୍ଭ କଲେ। ଏବେ ବଡମ୍ବା ସମବାୟ ଚିନିକଳର ଭାଗ୍ୟ ଅନ୍ଧାର ଆଡ଼କୁ ଠେଲି ହୋଇ ଯାଉଛି।

# ମତଲୁବଅଲ୍ଲୀ ସ୍ମୃତିକମିଟି ପକ୍ଷରୁ ସମ୍ବର୍ଦ୍ଧନା ସଭା



**ମାହାଙ୍ଗା (ଏନ୍.ଏମ୍.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ ବରାହିପୁର ପଞ୍ଚାୟତ ସ୍ଥିତ ମଣିଯୋରି ସହିଦ ଭବନ ପରିସରରେ ସେକ ମତଲୁବ୍ ଅଲ୍ଲି ସ୍ମୃତି କମିଟି ପକ୍ଷରୁ କଂଗ୍ରେସର ଏକ ବନ୍ଧୁମିଳନ ଉତ୍ସବ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଫେସର ଡକ୍ଟର କାର୍ତ୍ତିକେଶ୍ୱର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ କିସ୍ ବିଶ୍ୱବିଦ୍ୟାଳୟ ଗୋପବନ୍ଧୁ ଚେୟାର ପ୍ରଫେସର ଡକ୍ଟର ବିଜୟାନନ୍ଦ ସିଂହ ଯୋଗଦେଇ ନୂତନ ବର୍ଷ ଅବସରରେ ଉପସ୍ଥିତ କର୍ମୀମାନଙ୍କୁ ଶୁଭେଚ୍ଛାଜଣାଇବା ସହ ସେମାନଙ୍କ ମଙ୍ଗଳ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ପିସିସି ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ଯୋଗଦେଇ ମାହାଙ୍ଗାରେ କିପରି କଂଗ୍ରେସର ଯୁବ ସଂଗଠନକୁ ତୃଣମୂଳସ୍ତରରେ ମଜଭୁତ କରାଯାଇପାରିବ ସେଥିନେଇ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ରବିନ୍ଦ୍ର କୁମାର ସାହୁ, ଯୁବ ସଂଗଠକ ମସୁଦ ଅଲ୍ଲି, ସମାଜସେବୀ ପଣ୍ଡିତ ପ୍ରଭାତ କର, ଶିଶୁ ସାହିତ୍ୟକ ତଥା ସାମ୍ବାଦିକ ଭକ୍ତଚରଣ ସାହୁ ପ୍ରମୁଖ ଉତ୍ସବରେ ଯୋଗଦେଇ ଉପସ୍ଥିତ କଂଗ୍ରେସ କର୍ମୀମାନଙ୍କୁ ନବବର୍ଷର ଅଭିନନ୍ଦନ ଜଣାଇଥିଲେ। ଏଥିରେ ଆଇନ୍‌ଜୀବୀ ଦୀପକ କୁମାର ମହାନ୍ତି, ଯୁବନେତା ସଂଗ୍ରାମ ସାମଲ, ସୌକତ ଅଲ୍ଲି, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ, ସେକ କଲିମୁଲ୍ଲା, ସେକ ସହିଦ ମହମ୍ମଦ, ମନ୍ମଥ ଖଟୁଆ, କୁରୁଜଙ୍ଗା ପଞ୍ଚାୟତ କଂଗ୍ରେସ ସଭାପତି ଶରତ କୁମାର ବରାଳ, କୈଳାସ ଚନ୍ଦ୍ର ରାଉତ, ପ୍ରତାପ ନାୟକ, ସେକ ଜାବିର, ସୁକାନ୍ତ ନନ୍ଦ, ନଳିନୀ ନାୟକ, ଏକାଦଶୀ ସେଠୀ, ସୁଲତାନ ସଇଫୁଲ୍ଲା ଖାନ୍ ସମେତ କଂଗ୍ରେସର ବହୁ ପୁରୁଖାକର୍ମୀ ଓ ସଂଗଠକମାନେ ଯୋଗ ଦେଇଥିଲେ। ଏହି ଅବସରରେ ପଣସପୁର ପଞ୍ଚାୟତର ପୁରୁଖା କଂଗ୍ରେସ କର୍ମୀ ଭିକାରୀ ସାହୁ, ଜଳେଶ୍ୱରପୁରର ପୁରୁଖା କଂଗ୍ରେସ ସଂଗଠକ ଦୁର୍ଯ୍ୟୋଧନ ରାଉତ, ଭେଡା ପଞ୍ଚାୟତର ଗଣେଶ୍ୱର ସ୍ୱାଇଁ, କୁସୁପୁର ପଞ୍ଚାୟତର ହାଡିବନ୍ଧୁ ସାହୁଙ୍କୁ କମିଟି ପକ୍ଷରୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉତ୍ତରୀୟ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

# ସଖା ପକ୍ଷରୁ ଶିଶୁ ସଦନରେ ନବବର୍ଷ ପାଳନ



**କଟକ(ଏନ୍.ଏମ୍.):** ସଖା ଅନୁଷ୍ଠାନ ପକ୍ଷରୁ ଚୌଦ୍ୱାରସ୍ଥିତ ଶିଶୁ ସଦନରେ ଆଜି ଅନ୍ତେବାସୀଙ୍କ ଗହଣରେ ଇଂରାଜୀ ନବ ବର୍ଷ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଶତାଧିକ ଅନ୍ତେବାସୀଙ୍କ ଅଭିନନ୍ଦନ ଜ୍ଞାପନ କରାଯିବା ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ଇଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପ୍ରଫେସର ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହାମାରୀ କରୋନା ସଂକ୍ରମଣ ନେଇ ଅଯଥା ଭୟଭୀତ ନହୋଇ ଏହାର ପ୍ରତିକାର ନିମନ୍ତେ ଉଦ୍ଦିଷ୍ଟ ନିୟମାବଳୀ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ହିନ୍ଦସେବକ ସଂଘ ସଭାପତି ଦାମୋଦର ସାହୁଙ୍କ ଅଧକ୍ଷତାରେ ଆୟେରାଜିତ ଏହି ସମାବେଶରେ ସଖାର ଉପଦେଷ୍ଟା ଡକ୍ଟର ସତ୍ୟ ରାୟ, ଡାକ୍ତର ବିନୟ ମହାନ୍ତି, ଡାକ୍ତର ଅତୁଲ ମହାନ୍ତି, ଶିଳା କାନୁନଗୋ, ମୃଣାଳିନୀ ପାଢ଼ୀ, ସୂର୍ଯ୍ୟକାନ୍ତ ପାଢ଼ୀ, ଡାକ୍ତର ଦୀପକ ରାଜ, ସମ୍ପାଦିକା କବିତା ମହାପାତ୍ର ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ। ସଖା ପକ୍ଷରୁ ଅନ୍ତେବାସୀମାନଙ୍କୁ ଚାଦର ଓ ଚପଲ ଆଦି ପ୍ରଦାନ କରାଯାଇଥିଲା।

# ସ୍ୱାସ୍ଥ୍ୟକର୍ମୀ ମାନସୀ ସ୍ୱାଇଁଙ୍କୁ କରୋନା ଯୋଦ୍ଧା ସମ୍ମାନ



**ବୌଦ୍ଧ (ଏନ୍.ଏମ୍.):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ୨୫ଟି ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ କଣ୍ଟାମାଳ ସ୍ୱାସ୍ଥ୍ୟ କେନ୍ଦ୍ରର ବରିଷ୍ଠ ସ୍ୱାସ୍ଥ୍ୟକର୍ମୀ ମାନସୀ ସ୍ୱାଇଁଙ୍କୁ କଣ୍ଟାମାଳ ସାମ୍ବାଦିକ ସଂଘର ଚତୁର୍ଥ ବାର୍ଷିକ ସ୍ୱନକ୍ଷେତ୍ର ଉତ୍ସବରେ ଶ୍ରେଷ୍ଠ କରୋନା ଯୋଦ୍ଧା ସମ୍ମାନରେ ବୌଦ୍ଧ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ସମ୍ମାନିତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ମହିଧର ରଣା, ଉପଜିଲ୍ଲାପାଳ, ଅଶ୍ୱିନୀ ମେହେର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁଶ୍ରୀ ବନ୍ଦନା ଖଟୁଆ, ସାମ୍ବାଦିକ ସଂଘର ସଭାପତି ଦିବ୍ୟଶଙ୍କର ରାଉତ ଓ ସମ୍ପାଦକ ପୂର୍ଣ୍ଣଚରଣ ସାହୁ ପ୍ରମୁଖ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଯୋଗ ଦେଇ ଆଉ ୧୦ଜଣଙ୍କୁ କରୋନା ଯୋଦ୍ଧା ସମ୍ମାନରେ ସମ୍ମାନିତ କରିଥିଲେ। ବରିଷ୍ଠ ଶ୍ରମିକ ନେତା ଉତ୍କଳ ଭୂଷଣ ରାଉତରାୟ, ବିଶିଷ୍ଟ ସାମାଜିକ କର୍ମୀ ଡକ୍ଟର ସତ୍ୟ ରାୟ ପ୍ରମୁଖ ବହୁ ବୁଦ୍ଧିଜୀବୀ ଓ କଣ୍ଟାମାଳ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କାର୍ଯ୍ୟରତ କର୍ମଚାରୀମାନେ ଶ୍ରୀମତୀ ସ୍ୱାଇଁଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି।

# ନିଜ ଗାଁର ବିକାଶ ପାଇଁ ଆଗେଇ ଆସିଛନ୍ତି ପୁରାତନ ଛାତ୍ର






**ମାହାଙ୍ଗା (ଏନ୍.ଏମ୍.):** କଟକ ଜିଲ୍ଲା ମାହାଙ୍ଗା ବ୍ଲକର ଉମର ଗାଁକୁ ଏକ ଆଦର୍ଶ ଗାଁରେ ପରିଣତି କରିବାପାଇଁ ବିଭିନ୍ନ ମହଲରେ ପ୍ରୟାସ କରାଯାଉଛି। ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ଏହି ଗ୍ରାମର ବହୁ ପୁରାତନ ମହାବୀର ଓ ଶ୍ରୀ ବଳଦେବ ଜୀଉ ମନ୍ଦିର ସ୍ଥାନିତ ହେବାପରେ ଏହା ଏକ ଧାର୍ମିକ ପର୍ଯ୍ୟଟନସ୍ଥଳୀରେ ପରିଣତ ହୋଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ସହଯୋଗରେ ମନ୍ଦିରର ଏକ ସୁଦୃଶ୍ୟ ପ୍ରବେଶ ତୋରଣ ନିର୍ମାଣ, ମୁଖଶାଳାର ପୁନରୁଦ୍ଧାର ଓ ମନ୍ଦିର ପରିସରରେ ବଉଳମାଳ ପଥର ଚଟାଣ କରାଯାଇଛି। ମନ୍ଦିର ସଂଲଗ୍ନ ପୁଷ୍କରିଣୀର ପୁନରୁଦ୍ଧାର କରାଯାଇ ଏହାକୁ ବେଶ୍ ଆକର୍ଷଣୀୟ କରାଯାଇଛି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉମର ଗାଁରେ ଦୁଇକୋଠରୀ ବିଶିଷ୍ଟ ଏକ ସୁନ୍ଦର ପାନ୍ଥଶାଳା ନିର୍ମାଣ କରାଯାଇଛି। ଗ୍ରାମରେ ଥିବା ପୁରାତନ ଶିକ୍ଷାନୁଷ୍ଠାନ ବଳଦେବ ଜୀଉ ନୋଡ଼ାଲ ବିଦ୍ୟାଳୟରେ ରାଜ୍ୟସଭା ସାଂସଦଙ୍କ ପାଣ୍ଠି ବିନିମୟରେ ଏକ ସଭାଗୃହ ନିର୍ମାଣ ସହ ବଦାନ୍ୟ ଛାତ୍ରଙ୍କ ସହଯୋଗରେ ମୂରଲୀଧର ସ୍ମାରକୀ ପାଠାଗାରର ଇ-ଲାଇବ୍ରେରୀ ପ୍ରତିଷ୍ଠା କରାଯାଇଛି। ଇତିମଧ୍ୟରେ ଉମର ଗ୍ରାମର ମଧ୍ୟସ୍ଥଳରେ ଥିବା ପୁରୁଣା ଶ୍ମଶାନକୁ ଏମ୍‌ସିଏଲ ପକ୍ଷରୁ ମିଳିଥିବା ୨୫ଲକ୍ଷ ଟଙ୍କା ସହାୟତାରେ ଏକ ସୁନ୍ଦର ପରିବେଶ ଅନୁକୂଳ ଉଦ୍ୟାନ ସହିତ ସ୍ୱର୍ଗଦ୍ୱାର ନିର୍ମାଣ କରାଯାଇଛି। ଏହି ଗ୍ରାମରେ ଥିବା ସଂରକ୍ଷିତ ଜଙ୍ଗଲ ବଣଭୋଜି ଅଞ୍ଚଳର ବିକାଶ କରାଇବା ସହିତ ସେଠାରୁ ପ୍ରାଚୀନ ପୀଠ ବନଦୁର୍ଗାସ୍ଥଳୀକୁ ଏକ ରାସ୍ତା ନିର୍ମାଣ କରାଯାଇଛି। ବଣଭୋଜି କରିବାପାଇଁ ଆସୁଥିବା ପର୍ଯ୍ୟଟକମାନେ ଏହି ପୀଠର ଦର୍ଶନ କରିପାରିବେ। ଗ୍ରାମ୍ୟରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇ ପଞ୍ଚାୟତକୁ ସବୁଜିମା ବଳୟ ଭିତରେ ରଖାଯିବାର ପ୍ରୟାସ କରାଯାଉଛି। ପାଖରେ ଥିବା ନାହଙ୍ଗ ତାଳପୋଖରୀରେ ବୋଟିଂ ବ୍ୟବସ୍ଥା, ପାର୍କ ନିର୍ମାଣ ସହିତ ନିଶ୍ଚିତକୋଇଲି ରାସ୍ତାର ପ୍ରବେଶ ପଥରେ ଏକ ଐତିହ୍ୟ ତୋରଣ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଯାଜପୁର ଓ ଅନୁଗୁଳର ଜିଲ୍ଲାପାଳ ଥିବା ତଥା ବର୍ତ୍ତମାନ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଅନିଲ କୁମାର ସାମଲ ମାହାଙ୍ଗା ଅନ୍ତର୍ଗତ ଏହି ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ର ଓ ସାଂସ୍କୃତିକ ପୀଠର ଉନ୍ନତି ପାଇଁ ରାଜ୍ୟ ସରକାର, କଟକ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଧାୟକ ତଥା ଲୋକପ୍ରତିନିଧିମାନଙ୍କ ସହଯୋଗକ୍ରମେ ନିଜ ଗାଁ ମାଟିର ଉନ୍ନତିମୂଳକ କାର୍ଯ୍ୟ କରିବାପାଇଁ ପ୍ରୟାସ ଜାରି ରଖିଛନ୍ତି। ମାହାଙ୍ଗାର ବହୁ ପୁରାତନ ଶିକ୍ଷାନୁଷ୍ଠାନ ଭଗବତୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂସଦର ସଭାପତି ଥିବା ଶ୍ରୀ ସାମଲ ନିକଟରେ ପୁରାତନ ଛାତ୍ର, ରାଜ୍ୟ ସରକାର, ଏମ୍‌ସିଏଲ୍ ଓ ବିଧାୟକଙ୍କ ଅନୁଦାନ ରାଶିରେ ୬୩ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଏକ ଅତ୍ୟାଧୁନିକ ସଭାଗୃହର ମଧ ଭୂମିପୂଜନ କାର୍ଯ୍ୟ କରିଛନ୍ତି।




# ପ୍ରଥମ ପୃଷ୍ଠାର ଅବଶିଷ୍ଟ ...

## ଏସ୍ତୋନିଆ, ପାରାଗୁଏ...

ନେଇ ଆମର ଜାତୀୟ ପ୍ରାଥମିକତାକୁ ପ୍ରାପ୍ତି ଦିଗରେ ଏକ ଭବିଷ୍ୟଗାମୀ ପଦକ୍ଷେପ । ଭାରତର ରାଜନୈତିକ ଉପସ୍ଥିତିରେ ବୃଦ୍ଧି ପାରସ୍ପରିକ ଭାବେ ଭାରତୀୟ କମ୍ପାନୀଗୁଡ଼ିକ ଉନ୍ନତ ବଜାର ସୁବିଧା ପ୍ରଦାନ କରିବ ଏବଂ ସାମଗ୍ରୀ ଓ ସେବାର ଭାରତୀୟ ରପ୍ତାନିକୁ ପ୍ରୋତ୍ସାହନ ଦେବା ଆତ୍ମନିର୍ଭର ଭାରତ ପାଇଁ ଆମର ଲକ୍ଷ୍ୟ ଅନୁରୂପ ଘରୋଇ ଉତ୍ପାଦନ ଏବଂ ରୋଜଗାରକୁ ବଢ଼ାଇବାରେ ଏହା ସିଧା ପ୍ରଭାବ ପଡ଼ିବ ବୋଲି ଜଣାପଡ଼ିଛି ।

## ଏସସିବିକୁ ଏମ୍ସ ପ୍ଲସ ...

୧୭୫ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ୩ହଜାର ୫୦୦ଶଯ୍ୟା ରହିବ । ପରେ ଏହାକୁ ୫ହଜାରକୁ ବୃଦ୍ଧି କରାଯିବ । ୩ବର୍ଷରେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ । ଡାକ୍ତର, ରୋଗୀ, ରୋଗୀଙ୍କ ସହାୟକ, ସ୍ୱାସ୍ଥ୍ୟ କର୍ମଚାରୀ ସମସ୍ତଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ । ଅତ୍ୟାଧୁନିକ ଚିକିତ୍ସା ଉପକରଣ ସହିତ ପରିବହନ ବ୍ୟବସ୍ଥା, ଆଧୁନିକ ରେସ୍ତୋଁରା, ବାଣିଜ୍ୟ କେନ୍ଦ୍ର ଓ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ ସୁବିଧା ଉପଲବ୍ଧ ହେବ । ୧୨୮୦ଟି ସରକାରୀ ବାସଗୃହ ନିର୍ମିତ ହେବା ସହ ଛାତ୍ରବାସରେ ଅଧିକ ୨୨୦୦ଜଣ ଛାତ୍ରଛାତ୍ରୀ ରହିବାର ବ୍ୟବସ୍ଥା କରାଯିବ । ଏଥିଯୋଗୁଁ ଚିକିତ୍ସା ଓ ଡାକ୍ତରୀ ଶିକ୍ଷାକ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ । ଏହି ପ୍ରକଳ୍ପ ରେଗୀଙ୍କୁ ସୁଲଭ ତଥା ଗୁଣାତ୍ମକ ଚିକିତ୍ସା ସେବା ଯୋଗାଇବାରେ ଏକ ଉଦାହରଣ ସୃଷ୍ଟି କରିବ । ଜନସାଧାରଣ ସୁବିଧାରେ ଉଚ୍ଚ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇପାରିବେ । ଦେଶ ବିଦେଶରେ ଚିକିତ୍ସାସେବା ଯୋଗାଇ ସୁନାମ ଅର୍ଜନ କରିଥିବା ବହୁ ଓଡ଼ିଆ ଡାକ୍ତର ସେମାନଙ୍କ ଜନ୍ମମାଟିରେ ନିଜର ଦକ୍ଷତାକୁ ପ୍ରତିପାଦିତ କରିପାରିବେ । ଏହାଦ୍ୱାରା ରାଜ୍ୟବାସୀ ଉନ୍ନତମାନର ଚିକିତ୍ସା ସେବା ପାଇପାରିବେ । ସମସ୍ତ ସହଯୋଗରେ ଏହି ଅନୁଷ୍ଠାନ ଦିନେ ଦେଶର ଶ୍ରେଷ୍ଠ ୩ଟି ସ୍ୱାସ୍ଥ୍ୟ ଅନୁଷ୍ଠାନ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହୋଇ ପାରିବ । ଏସସିବି ମେଡ଼ିକାଲର ସୁପରିଚାଳନା ପାଇଁ ଏକ ସ୍ୱାଧୀନ ପରିଚାଳନା ମଣ୍ଡଳୀ ରହିବ । ହସ୍ପିଟାଲର ଉନ୍ନତ ସହ କ୍ରୀଡ଼ା ଓ ମନୋରଞ୍ଜନ ପାଇଁ ମଧ୍ୟ ଉତ୍ତମ ପରିବେଶ ସୃଷ୍ଟି କରାଯିବ ବୋଲି କୁହାଯାଇଛି । ଏହି ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତଥିଲେ ।

## କୋଭିଡ ସତ୍ତ୍ୱେ ରାଜସ୍ୱ ...

ଓମ୍ୟାଡ୍‌ସି ଓ ଡିଏମ୍‌ଏଫ୍ ପ୍ରକଳ୍ପଗୁଡ଼ିକର ନିୟମିତ ତଦାରଖ ଓ ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅନୁଗୁଳ, ଯାଜପୁର, ଝାରସୁଗୁଡ଼ା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ, ରାୟଗଡ଼ା, ସୁନ୍ଦରଗଡ଼ ଆଦି ପ୍ରମୁଖ ଖଣିସମ୍ପନ୍ନ ଜିଲ୍ଲାଗୁଡ଼ିକରେ ପାଖାପାଖି ୨୦ ହଜାର କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ଏହି ପ୍ରକଳ୍ପଗୁଡ଼ିକ ଲୋକଙ୍କ ପ୍ରମୁଖ ଆବଶ୍ୟକତାକୁ ପୂରଣ କରିବ । ସେହିପରି ଚିହ୍ନିତ ପ୍ରକଳ୍ପଗୁଡ଼ିକୁ ଗୁରୁତ୍ୱ ଦେବା ସହ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ଜଳ ସମ୍ପଦ, ଗ୍ରାମୀଣ ବିକାଶ, ପୂର୍ତ୍ତ, ଗୃହ ଏବଂ ନଗର ଉନ୍ନୟନ ବିଭାଗକୁ ମୁଖ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ । ପ୍ରକଳ୍ପ କାର୍ଯ୍ୟକାରିତାରେ ପାଣ୍ଠିର ଅଭାବ ରହିବନି ବୋଲି ବିଭାଗଗୁଡ଼ିକୁ ଅର୍ଥ ବିଭାଗ ପ୍ରମୁଖ ସଚିବ ଶ୍ରୀ ମୀନା ସୁନିଶ୍ଚିତ କରିଥିଲେ । ସମୀକ୍ଷାରୁ ଜଣାପଡ଼ିଛି, ଗତବର୍ଷ ଏହି ସମୟ ତୁଳନାରେ ଗତ ନଭେମ୍ବର ଶେଷ ସୁଦ୍ଧା ଉଭୟ ଟିକସ ଏବଂ ଅଣଟିକସ ଉତ୍ସରୁ ରାଜସ୍ୱ ସଂଗ୍ରହ ବୃଦ୍ଧି ଘଟିଛି । ଗତବର୍ଷ ନଭେମ୍ବର ଶେଷ ସୁଦ୍ଧା ଉଭୟ ଉତ୍ସରୁ ପ୍ରାୟ ୨୮ ହଜାର ୪୦୨ କୋଟି ଟଙ୍କାର ମୋଟ୍ ରାଜସ୍ୱ ସଂଗ୍ରହ ହୋଇଥିଲା । ତେବେ ଚଳିତବର୍ଷ ଏହି ସମୟ ମଧ୍ୟରେ ଏହା ୨୯ ହଜାର ୪୧୧.୨୯ କୋଟି ଟଙ୍କାକୁ ବୃଦ୍ଧି ପାଇଛି । ଗତବର୍ଷ ଅପେକ୍ଷା ଚଳିତବର୍ଷ ଏହି ସମୟରେ ଅଣଟିକସ ରାଜସ୍ୱ ୨୩.୨୯ ପ୍ରତିଶତ ବୃଦ୍ଧି ହୋଇଛି । ଗତବର୍ଷ ନଭେମ୍ବରରେ ଏହା ୮୪୮୫ କୋଟି ଥିବାବେଳେ ଚଳିତବର୍ଷ ଏହା ପ୍ରାୟ ୧୦ ହଜାର ୪୬୨ କୋଟିକୁ ବଢ଼ିଛି । ଲକ୍‌ଡାଉନ୍/ସଟ୍‌ଡାଉନ୍ ସତ୍ତ୍ୱେ ଗତ ନଭେମ୍ବର ଶେଷ ସୁଦ୍ଧା ଭିତ୍ତିଭୂମି, ସାମାଜିକ, କୃଷି ଏବଂ ଆନୁସଙ୍ଗିକ ଆଦି ବିଭିନ୍ନ କ୍ଷେତ୍ରରେ ପାଖାପାଖି ୬୦ ହଜାର କୋଟି ଟଙ୍କା ବଜେଟ୍ ବ୍ୟୟ କରାଯାଇଛି । ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ଏସ୍‌ଆର୍‌ସି ତଥା ଅତିରିକ୍ତ ମୁଖ୍ୟ ସଚିବ (ଗ୍ରାମୀଣ ବିକାଶ) ପ୍ରଦୀପ ଜେନା, ଅତିରିକ୍ତ ମୁଖ୍ୟ ସଚିବ (ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ) ପ୍ରଦୀପ୍ତ ମହାପାତ୍ର, ଅତିରିକ୍ତ ମୁଖ୍ୟ ସଚିବ (ଜଙ୍ଗଲ ଓ ପରିବେଶ) ଡ. ମୋନା ଶର୍ମା, ଅର୍ଥ ବିଭାଗ ପ୍ରମୁଖ ସଚିବ ଅଶୋକ ମୀନାଙ୍କ ସମେତ ସମସ୍ତ ବିଭାଗର ପ୍ରମୁଖ ସଚିବ, ସଚିବ ଏବଂ ସ୍ୱତନ୍ତ୍ର ସଚିବମାନେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ ।

## ୨୦୨୦ରେ ୪୦ କୋଟିପତିଙ୍କ ସମେତ ...

କାରବାର ବେଳେ ୧୧୩ ଜଣ ସରକାରୀ କର୍ମଚାରୀ ଓ ୨ ଜଣ ସାଧାରଣ ବ୍ୟକ୍ତିଙ୍କ ବିରୋଧରା ଭିଜିଲାନସ ପକ୍ଷରୁ ୧୦୩ଟି ମାମଲା ରୁଜୁ ହୋଇଥିଲା । ଏମାନଙ୍କ ମଧ୍ୟରେ ୯ ଜଣ ପ୍ରଥମ ଶ୍ରେଣୀ, ୧୬ ଜଣ ଦ୍ୱିତୀୟ, ୮୦ ଜଣ ତୃତୀୟ, ୪ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିଛନ୍ତି । ୧୦୩ଟି ଲାଞ୍ଚ ମାମଲା ମଧ୍ୟରେ ଗୋଟିଏ ମାମଲାରେ ୨ ଲକ୍ଷ, ୫ଟି ମାମଲାରେ ୧ ଲକ୍ଷରୁ ଅଧିକ ଓ ୨ଟିରେ ୫୦ ହଜାରରୁ ଅଧିକ ଟଙ୍କା ଦାବି କରାଯାଇଥିଲା । ୧୫ କୋଟି ୮୩ ଲକ୍ଷ ଟଙ୍କା ସରକାରୀ ଅର୍ଥ ହେରଫେର ନେଇ ୧୨୮ ଜଣଙ୍କ ବିରୋଧରେ ୪୯ଟି ମାମଲା ରୁଜୁ ହୋଇଛି । ଏମାନଙ୍କ ମଧ୍ୟରେ ୯୯ ଜଣ ସରକାରୀ କର୍ମଚାରୀ ରହିଥିବା ବେଳେ ୨୯ ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି । ସରକାରୀ କର୍ମଚାରୀଙ୍କ ମଧ୍ୟରେ ୨୦ ଜଣ ପ୍ରଥମ ଶ୍ରେଣୀ, ୨ ଜଣ ଦ୍ୱିତୀୟ ଶ୍ରେଣୀ, ୬୦ ଜଣ ତୃତୀୟ ଶ୍ରେଣୀ, ୧ ଜଣ ଚତୁର୍ଥ ଶ୍ରେଣୀ ଓ ୧୬ ଜଣ ଅନ୍ୟ କର୍ମଚାରୀ ରହିଛନ୍ତି । ବିଭିନ୍ନ ଦୁର୍ନୀତିରେ ଲିପ୍ତ ଥିବା ୩୬ ଜଣ ପ୍ରଥମ ଶ୍ରେଣୀ, ୩୩ ଜଣ ଦ୍ୱିତୀୟ ଶ୍ରେଣୀ, ୧୪୯ ଜଣ ତୃତୀୟ, ୭ ଜଣ ଚତୁର୍ଥ ଶ୍ରେଣୀ, ୧୦ ଜଣ ଅନ୍ୟ ସରକାରୀ କର୍ମଚାରୀ ଓଓ ୧୨ ଜଣ ଶାଧାରଣ ବ୍ୟକ୍ତିଙ୍କ ବିରୋଧରେ ୨୨୧ଟି ଭିଜିଲାନସ ତଦନ୍ତ କରାଯାଇଥିଲା । ଚଳିତ ବର୍ଷ ୧୨୯ଟି ମାମଲାର ଫଇସାଲା କରାଯାଇ ୬୫ଟି ମାମଲାକୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରାଯାଇଥିଲା ବେଳେ ୧୦୭ଟି କ୍ରିମିନାଲ ମାମଲାକୁ ପରିବର୍ତ୍ତିତ ହୋଇଛି । ତଦନ୍ତ ପରେ ୧୬୧ଟି ମାମଲାରେରୁ ୧୫୩ଟିରେ ୨୦୭ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି । ଏମାନଙ୍କ ମଧ୍ୟରେ ୨୭ ଜଣ ପ୍ରଥମ ଶ୍ରେଣୀ, ୨୦ ଜଣ ଦ୍ୱିତୀୟ ଶ୍ରେଣୀ, ୧୨୦ ଜଣ ତୃତୀୟ ଶ୍ରେଣୀ, ୬ ଜଣ ଚତୁର୍ଥ ଶ୍ରେଣୀ, ୩ ଜଣ ଅନ୍ୟ କର୍ମଚାରୀ ଓ ୨୮ ଜଣ ସାଧାରଣ ବ୍ୟକ୍ତି ରହିଛନ୍ତି । ୨୦୨୦ ବର୍ଷରେ ୩୪ ଜଣ ପ୍ରଥମ, ୨୮ ଜଣ ଦ୍ୱିତୀୟ, ୧୦୬ ଜଣ ତୃତୀୟ ୬ ଜଣ ଚତୁର୍ଥ, ୫ ଜଣ ଅନ୍ୟ ସରକାରୀ କର୍ମଚାରୀ ଓ ୮ ଜଣ ସାଧାରଣ ବ୍ୟକ୍ତିଙ୍କ ସମେତ ମୋଟ୍ ୧୮୭ ଜଣଙ୍କୁ ଭିଜିଲାନସ ଗିରଫ କରିଛି । ଚଳିତ ବର୍ଷ ୧୬ଟି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୭ ଜଣଙ୍କ ମଧ୍ୟରେ ଜଣେ ପ୍ରଥମ ଶ୍ରେଣୀ ପାହ୍ୟା , ୨ ଜଣ ଦ୍ୱିତୀୟ ଶ୍ରେଣୀ, ୧୩ ଜଣ ତୃତୀୟ ଶ୍ରେଣୀ ଓ ଜଣେ ସାଧାରଣ ବ୍ୟକ୍ତି ରହିଛନ୍ତି । ଦୋଷୀ ସାବ୍ୟସ୍ତ ହାର ୪୬ ପ୍ରତିଶତ ରହିଛି । ଦୋଷୀ ସାବ୍ୟସ୍ତ ହୋଇ ଚାକିରୀରୁ ବହିଷ୍କୃତ ହୋଇଥିବା ୧୫ ସରକାରୀ କର୍ମଚାରୀଙ୍କ ମଧ୍ୟରେ ଜଣେ ପ୍ରଥମ ଶ୍ରେଣୀ, ୩ ଜଣ ଦ୍ୱିତୀୟ ଓ ୧୧ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ରହିଛନ୍ତି । ଭିଜିଲାନସ ମାମଲାରେ ଦୋଷୀ ସାବ୍ୟସ୍ତ ହୋଥିବା ୧୬ ଜଣ ଅବସରପ୍ରାପ୍ତ କର୍ମଚାରୀଙ୍କ ପେନସନ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ୧୬ ଜଣଙ୍କ ମଧ୍ୟରେ ୪ ଜଣ ପ୍ରଥମ ଶ୍ରେଣୀ, ୩ ଜଣ ଦ୍ୱିତୀୟ ଶ୍ରେଣୀ ଓ ୯ ଜଣ ତୃତୀୟ ଶ୍ରେଣୀ କର୍ମଚାରୀ ରହିଛନ୍ତି । ଚଳିତ ବର୍ଷ ଭିଜିଲାନସ ଜଙ୍ଗଲ ବିଭାଗ ପକ୍ଷରୁ ୯୬ଟି ସ୍ଥାନରେ ଚଢାଉ କରାଯାଇ ୩ କୋଟି ୨୫ ଲକ୍ଷ ଟଙ୍କାର ସାମଗ୍ରୀ ଜବତ କରାଯାଇଥିବା ବେଳେ ୧୭ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ସେହିପରି ୨୦୨୦ରେ ଲୋକାୟୁକ୍ତଙ୍କ ନିର୍ଦ୍ଦେଶକ୍ରମେ ଭିଜିଲାନସ ୫୪ଟି ମାମଲାରେ ତଦନ୍ତ କରିଥିବା ଭିଜିଲାନସ ପକ୍ଷରୁ ସୂଚନା ଦିଆଯାଇଛି ।




## 'ସଂକ୍ଷିପ୍ତରେ ଲୌହମାନବୀ ସରଳା ଦେବୀ' ପୁସ୍ତକ ଉନ୍ମୋଚିତ

# 'ସରଳାଦେବୀ ଥିଲେ ନାରୀ ସଶକ୍ତିକରଣର କର୍ଣ୍ଣଧାର'



**କଟକ (ଏନ୍.ଏମ୍.) :** ସରଳା ଦେବୀ ଜାଗରଣ କ୍ଷେତ୍ରରେ ଏକ ବିସ୍ମୟ । ତାଙ୍କ କର୍ମଧାରାର ସାରସ୍ୱତ ଜାଗରଣ ତାଙ୍କ ସାହିତ୍ୟ । ସରଳାଦେବୀ ଥିଲେ ଜଣେ ମହିୟସୀ ମହିଳା । ସ୍ୱଦେଶୀ ଜାଗରଣ କ୍ଷେତ୍ରରେ ତାଙ୍କର ଉଦ୍ୟମ ଅବିସ୍ମରଣୀୟ ବୋଲି ମୁଖ୍ୟଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ପ୍ରକାଶ କରିଛନ୍ତି । ସରଳାଦେବୀ ସ୍ମୃତି ସଂସଦ କଟକ ଓ ରାଉରକେଲା ଏବଂ ଭଜକୃଷ୍ଣ ସ୍ମୃତି ସଂସଦର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ତଥା ସାମ୍ବାଦିକ କୁଞ୍ଜବିହାରୀ ରାଉତ ପୌରହିତ୍ୟ କରିଥିଲେ । କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ ପ୍ରଶାନ୍ତ କୁମାର ପତି ସଭାପତିତ୍ୱ କରିଥିଲେ । ଉଦ୍‌ଘାଟନ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଯୋଗଦେଇ ସରଳାଦେବୀ ଏକ ବିସ୍ମୟ ପ୍ରତିଭା ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସସ୍ମିତା ପ୍ରଧାନଙ୍କ ଲିଖିତ ପୁସ୍ତକ 'ସଂକ୍ଷିପ୍ତରେ ଲୌହମାନବୀ ସରଳା ଦେବୀ' ଉନ୍ମୋଚନ ହୋଇଥିଲା । ଏହି ପରିପ୍ରେକ୍ଷୀରେ ଚଳିତ ବର୍ଷର ସରଳାଦେବୀ ସମ୍ମାନ ଶ୍ରୀମତୀ ପ୍ରଧାନଙ୍କୁ ଦିଆଯାଇଥିଲା । ଯୁବ କବି ଅଶୋକ କୁମାର ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁକ୍ତ ବକ୍ତା ଭାବେ ସରଳା ଦେବୀଙ୍କ ନାତି ଲକ୍ଷ୍ମୀପ୍ରକାଶ ମହାପାତ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଦାସ, ବରିଷ୍ଠ ସାମ୍ବାଦିକ ଆଶିଷ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ ।

ମୁଖ୍ୟବକ୍ତା ଶ୍ରୀ ମହାପାତ୍ର କହିଲେ ଯେ, ଓଡ଼ିଶାର ନାରୀ ଜାଗରଣ, ନାରୀ ସଶକ୍ତିକରଣ, ନାରୀର ସ୍ୱାଧୀନତା ଓ ସ୍ୱାଧୀନତା ସଂଗ୍ରାମର ଜଣେ ଏକ ନିଷ୍ଠ ଅହିଂସା ବିପ୍ଳବିନୀ ସରଳାଦେବୀ ବନ୍ଦନୀୟା ବ୍ୟକ୍ତିତ୍ୱ । ସେ ପ୍ରଥମ ମହିଳା ବିଧାୟକିକା ଓ ପ୍ରଥମ ଅସ୍ଥାୟୀ ମହିଳା ବାଚସ୍ପତି ଥିଲେ । ୧୯୩୯ ମସିହା ମାର୍ଚ୍ଚ ୨୪ତାରିଖି ଦିନ ସେ ବିଧାନସଭାର ସମସ୍ତ ସରକାରୀ କାର୍ଯ୍ୟକଳାପ ଓଡ଼ିଆ ଭାଷାରେ କରାଇଥିଲେ । ଜାତିର ତଥା ନାରୀ ସମାଜର ସମନ୍ନତିର ଅଭିପ୍ସା ତାଙ୍କୁ ଏଭଳି ଆଚ୍ଛନ୍ନ କରିଥିଲା ଯେ, ତାଙ୍କର ସମସ୍ତ ସାହିତ୍ୟକୃତି ପ୍ରାୟ ସେହି ଦିଗରେ ଉତ୍ସର୍ଗୀତ ହୋଇଥିଲା । ସମ୍ମାନିତ ଅତିଥି ଭାବେ ଶ୍ରୀ ଗଡ଼ନାୟକ ନିଜ ବକ୍ତବ୍ୟରେ ସରଳାଦେବୀଙ୍କୁ ବିପ୍ଳବିନୀ ଆଖ୍ୟା ସହ ତାଙ୍କର ସ୍ୱାଧୀନ ଚିନ୍ତନ ଓ ଅଭିବ୍ୟକ୍ତିର ମାଧମ ଭାବେ ବିଭିନ୍ନ ଜୀବନୀଲେଖା, ପ୍ରବନ୍ଧ, ନାଟକ, ଉପନ୍ୟାସ ଓ କବିତାକୁ ଗ୍ରହଣ କରିଥିଲେ । ଯାହା ଭାଷାସାହିତ୍ୟକୁ ରୁଦ୍ଧିମନ୍ତ କରିଛି ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ଶ୍ରୀ ଦାସ ବକ୍ତବ୍ୟରେ କହିଲେ ଯେ, ସରଳାଥିଲେ ନାରୀ ଜାଗରଣର ସଶ୍ରଦ୍ଧ ଉଚ୍ଚାରଣ । ଅବହେଳିତ ନାରୀ ଜାତିର ଉତ୍‌ଥାନ, ନିର୍ଯ୍ୟାତିତ ବର୍ଗର ଥଇଥାନ ନିମିତ ସେ ଜୀବନସାରା ସଂଗ୍ରାମ କରିଛନ୍ତି । ସଭାପତି ଶ୍ରୀ ପତି ତାଙ୍କ ଅଭିଭାଷଣରେ ଶ୍ରୀମତୀ ପ୍ରଧାନଙ୍କ ପୁସ୍ତକୁ ସମୀକ୍ଷା କରିବା ସହ ନିଜ ବକ୍ତବ୍ୟରେ ସରଳାଦେବୀଙ୍କ ସାରସ୍ୱତ ସାଧନା ଉପରେ ଆଲୋଚନା କରିଥିଲେ । ମୁକ୍ତି ସଂଗ୍ରାମର ସେ ପ୍ରଥମ ଓଡ଼ିଆ ନାରୀ ଭାବେ ପରଦାପ୍ରଥା ଉଲଙ୍ଘନ କରିବାରେ ତାଙ୍କ ସାହାସ ଅତୁଳନୀୟ । ସ୍ୱରାଜ୍ୟ ଆନ୍ଦୋଳନର ସେ ଥିଲେ ପ୍ରଥମ ନାରୀ । ଓଡ଼ିଆ ନାରୀ ଜାତିର ମୁଖ ଉଜ୍ଜଳ କରିବା କ୍ଷେତ୍ରରେ ସରଳାଙ୍କର ଆଜୀବନ ସଂଗ୍ରାମ ସାଧନା କିର୍ତ୍ତୀ ଓ କୃତିତ୍ୱ ଅସାମାନ୍ୟ । ଏହି ପରିପ୍ରେକ୍ଷୀରେ ସରଳାଦେବୀ ସ୍ମୃତିସଂସଦ ରାଉରକେଲା ଗଠନ କରାଯାଇ ସଭାପତି ଭାବେ ମିନତୀ ଦେବତା, ସମ୍ପାଦକ ଭାବେ ସସ୍ମିତା ପ୍ରଧାନ, ମୁଖ୍ୟ ଉପଦେଷ୍ଟା ଭାବେ କବି କୁଞ୍ଜବିହାରୀ ରାଉତଙ୍କ ଦାୟିତ୍ୱ ଦିଆଯାଇଛି । ଏହି ଅବସରରେ ବରିଷ୍ଠ ସାମ୍ବାଦିକ ସୁବ୍ରତ ଚୌଧୁରୀ, ଆଶିଷ ଗଡ଼ନାୟକ, ସନ୍ୟାନନ୍ଦ ମହାନ୍ତି, ଅବନୀରଞ୍ଜନ ମହାନ୍ତି, ଅଧ୍ୟାପକ ବସନ୍ତ ଦାସ, ସଞ୍ଜୟ ସାହୁ, ସଞ୍ଜିବ କୁମାର ନାୟକ, ସମାଜସେବୀ କ୍ଷେତ୍ରରେ ସନ୍ତୋଷ କୁମାର ବିଶ୍ୱାଳ, ସୁମନ ଦତ୍ତ, ଭୁବନେଶ୍ୱରର ରୋନକ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥବଲା । ଏହାଛଡ଼ା ସରଳାଦେବୀଙ୍କ ଉପରେ ଏହି ଭଳି କାର୍ଯ୍ୟକ୍ରମ ରାଜ୍ୟର ବିଭିନ୍ନ ଜିଲ୍ଲାରେ କରାଯିବ ବୋଲି ସରଳାଦେବୀ ସ୍ମୃତିସଂସଦ କଟକ ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି ।

## କଟକ ସହରରେ ଏମସିସି କାର୍ଯ୍ୟକ୍ଷମ

# ଦୈନିକ ୬ଟି ପ୍ରକଳ୍ପରୁ ୨୬.୭୫ଟନ ଆବର୍ଜନା ହେଉଛି କମ୍ପୋଷ୍ଟ



**କଟକ(ଏନ୍.ଏମ୍.):** କଟକ ସହରରେ ଆବର୍ଜନା ପରିଚାଳନା ନିମନ୍ତେ ସିଏମସି ଗୁରୁତ୍ୱ ଦେଇଛି । ଆଗାମୀ ଦିନରେ କଟକ ସହରକୁ ଏକ ସ୍ୱଚ୍ଛ ସହରରେ ପରିଣତ କରିବା ଦିଗରେ ସିଏମସି ବିଭିନ୍ନ ପଦକ୍ଷେପ ନେବା ଆରମ୍ଭ କରିଛି । ଘରକୁ ଘର ଆବର୍ଜନା ସଂଗ୍ରହ କରିବା ଠାରୁ ଆରମ୍ଭ କରି ସେସବୁ କିଭଳି କମ୍ପୋଷ୍ଟ କରାଯିବ ସେ ନେଇ ସହରର ବିଭିନ୍ନ ସ୍ଥାନରେ ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର(ଏମସିସି) ମଧ୍ୟ ନିର୍ମାଣ ହୋଇଛି । ପୂର୍ବରୁ ସହରର ୫ଟି ସ୍ଥାନରେ ଏମସିସି ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବାବେଳେ ଆଜି ସିଏମସି ଅନ୍ତର୍ଗତ ଜଗତପୁର ନଜରପୁର ଠାରେ ଆଉ ଏକ ଏମସିସି ଉଦ୍‌ଘାଟନ ହୋଇଯାଇଛି । ଦୈନିକ ୫ଟନ ଆବର୍ଜନାକୁ କମ୍ପୋଷ୍ଟ କରିପାରୁଥିବା ଏହି ପ୍ରକଳ୍ପକୁ ସିଏମସି ଡେପୁଟି କମିଶନର (ପରିମଳ) ସଞ୍ଜିବିତା ରାୟ ଉଦ୍‌ଘାଟନ କରିଥିଲେ ।

ଏହା ପୂର୍ବରୁ ସ୍ଥାନୀୟ ନାକେଇ ପଡ଼ିଆ ଠାରେ ଗତ ୨୧ତାରିଖରେ ୫ଟନ କ୍ଷମତା ବିଶିଷ୍ଟ ଏକ ଏମସିସି ଉଦ୍‌ଘାଟିତ ହୋଇଥିବାବେଳେ ଗତ ୧୮ତାରିଖରେ ଚୌଧୁରୀବଜାରସ୍ଥିତ ବିଜୁ ଭବନ ନିକଟରେ ଏବଂ ପୋତାପୋଖରୀ ଅଞ୍ଚଳରେ ୟୁନିଟ-୨ ଏମସିସି କାର୍ଯ୍ୟକ୍ଷମ କରାଯାଇଥିଲା । ଏହାପୂର୍ବରୁ ସିଏମସି ବିକାଶ ଭବନ ପରିସର ଓ ପୋତାପୋଖରୀ ଅଞ୍ଚଳରେ ୟୁନିଟ-୧ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କଟକ ସହର ଆବର୍ଜନା ମୁକ୍ତ ରହିବା ସହିତ ଆବଶ୍ୟକୀୟ ଜୈବିକ ସାର(ଖତ) ମଧ୍ୟ ମିଳିପାରିବ ବୋଲି ସିଏମସି ପକ୍ଷରୁ କୁହାଯାଇଛି । ସୂଚନା ଯୋଗ୍ୟ ଯେ, କଟକ ସହରରେ ପ୍ରାଥମିକସ୍ତରରେ ୧୭ଟି ସ୍ଥାନରେ ଏମସିସି ନିର୍ମାଣ ପାଇଁ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଥିଲେ । ଏଥିମଧ୍ୟରୁ ଏପର୍ଯ୍ୟନ୍ତ ୭ଟି ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାବେଳେ ୬ଟି ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି । ତେବେ ଦୈନିକ ୨୬.୭୫ଟମ ଆବର୍ଜନାକୁ କମ୍ପୋଷ୍ଟ ଖତରେ ପରିଣତ କରାଯାଉଥିବା ଡେପୁଟି କମିଶନର ସଞ୍ଜିବିତା ରାୟ କହିଛନ୍ତି । ସୂଚନା ଯୋଗ୍ୟଯେ କଟକ ସହରରେ ଦୀର୍ଘ ବର୍ଷ ଧରି ଆବର୍ଜନା ପରିଚାଳନାରେ ବିଭ୍ରାଟ ଘଟିଥିବାବେଳେ ସହରରେ ପରିମଳ ପରିଚାଳନା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିଲା । ଏବେ ଏହି ପ୍ରକଳ୍ପ ଦ୍ୱାରା ସହରରେ ପରିମଳ ବ୍ୟବସ୍ଥାର ସୁଧଶର ଆସିବ ବୋଲି କୁହାଯାଉଛି ।

# କୃଷକ ଆନ୍ଦୋଳନ ସପକ୍ଷରେ ଶପଥପାଠ

**କୋଣାର୍କ (ଏନ୍.ଏମ୍.):** କୋଣାର୍କ ଥାନାରେ ଥିବା ସ୍ୱର୍ଗତ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ଉପେନ୍ଦ୍ରନାଥ ମହାନ୍ତିଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଅଖିଳଭାରତ କୃଷକ ସମନ୍ୱୟ ସମିତି କୋଣାର୍କ ଶାଖା ଓ ସିପିଆଇ ଗୋପ ଜୋନାଲ କମିଟି ଆନୁକୁଲ୍ୟରେ କୃଷକ ନେତା ମନୋରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ କୃଷି ଆଇନ ଓ ନୂତନ ବିଦ୍ୟୁତ୍ ବିଲ୍ ବାତିଲ୍ ଦାବିରେ ଦିଲ୍ଲୀସ୍ଥିତ ଧାରଣାରତ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଚାଷୀ ଶପଥପାଠ ଓ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଚାଷୀ ଶପଥପାଠ କାର୍ଯ୍ୟକ୍ରମରେ କୋଣାର୍କନଗର କଂଗ୍ରେସର ପୂର୍ବତନ ସଭାପତି ଭରତ ଚନ୍ଦ୍ର ପାଢି, ସିପିଆଇ ଗୋପ ଜୋନ୍ ସମ୍ପାଦକ ବ୍ରହ୍ମାନନ୍ଦ ଦାସ, ହରିହର ବାହିନୀପତି, ନବଘନ ମୁଦୁଲି, ଭାଲୁପ୍ରଧାନ, ଭାବଗ୍ରାହୀ ମାଝୀ, ସମୀର ନାୟକ, ରବିନ୍ଦ୍ର ବିଶ୍ୱାଳ, ନକୁଳ ନାୟକ ଓ ରାଜକିଶୋର ପ୍ରଧାନଙ୍କ ସମେତ ପଚାଶରୁ ଉର୍ଦ୍ଧ୍ୱ ସିପିଆଇ ଓ କଂଗ୍ରେସ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କ ଚାଷୀ ମାରଣାନୀତିର ବିରୋଧ କରିବା ସହ ଦିଲ୍ଲୀଠାରେ ଧାରଣାରତ ଚାଷୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଶପଥପାଠ କରିଥିଲେ । ଏହି ଆଇନ ଗରିବ ଖଟିଖିଆ ଓ ଚାଷୀମୂଲିଆ ମାନଙ୍କ ହକ୍‌ରୁ ବଞ୍ଚିତକରି କର୍ପୋରେଟ ସଂସ୍ଥାଙ୍କ ପାଇଁ ଅଧିକ ଲାଭଦାୟକ ହେବ ବୋଲି ବରିଷ୍ଠ ସିପିଆଇ ନେତା ମନୋରଞ୍ଜନ ପରିଡ଼ା ମତବ୍ୟକ୍ତ କରିଛନ୍ତି ।

# ରାଜସ୍ୱ ପର୍ଷଦର ନୂତନ ଭିଡିଓ କନଫରେନ୍ସ ହଲ ଉଦ୍‌ଘାଟିତ

**କଟକ(ଏନ୍.ଏମ୍.) :** କଟକ ରାଜସ୍ୱ ପର୍ଷଦ କାର୍ଯ୍ୟାଳୟର ପଞ୍ଚମ ମହଲା ଠାରେ ନୂତନ ଭିଡିଓ କନଫରେନ୍ସ ହଲ ଉଦ୍‌ଘାଟିତ ହୋଇଯାଇଛି । ରାଜସ୍ୱ ପର୍ଷଦ ସଦସ୍ୟ ସି.ଜେ. ଭେନୁଗୋପାଳ ଭର୍ଚ୍ଚୁଆଲ ମୋଡରେ ଉଦ୍‌ଘାଟନ କରିଥିବାବେଳେ ସଚିବ ଡାକ୍ତର ବିଜୟ କେତନ ଉପାଧ୍ୟାୟ ରାଜସ୍ୱ ପର୍ଷଦ ଠାରେ ଫିତା କାଟିଥିଲେ । ଭିଡିଓ କନଫରେନ୍ସ ହଲ ଉଦ୍‌ଘାଟନ କରି ସଦସ୍ୟ ଶ୍ରୀ ଭେନୁଗୋପାଳ କହିଲେ ଯେ, ସମ୍ପ୍ରତି କନଫରେନ୍ସିଂ ଏକ ଉପାଦେୟ ଅବଲମ୍ବନ ହୋଇ ପାରିଛି । ଏ କ୍ଷେତ୍ରରେ ସମଗ୍ର ଦେଶରେ ଏନଆଇସିର କାର୍ଯ୍ୟଦକ୍ଷତା ବେଶ ପ୍ରଶଂସନୀୟ । ଏବେ ଠାରୁ ରାଜସ୍ୱ ପର୍ଷଦ ପକ୍ଷରୁ ଅନୁଷ୍ଠିତ ବୈଠକ ପରୀକ୍ଷାଗୁଡ଼ିକର ସୁପରିଚାଳନା ସହଜ ହୋଇ ପାରିବ ବୋଲି ମତବ୍ୟକ୍ତ କରିବା ସହ ଏହି ଭିଡିଓ କନଫରେନ୍ସିଂ ହଲ ରାଜସ୍ୱ ପର୍ଷଦପକ୍ଷରୁ ଅନୁଷ୍ଠିତ ବୈଠକ, ପରୀକ୍ଷାଗୁଡ଼ିକର ସୁପରିଚାଳନା ସହଜ ହୋଇ ପାରିବ ବୋଲି ମତବ୍ୟକ୍ତ କରିବା ସହିତ ଏହି ଭିଡିଓ କନଫରେସିଂ ହଲ ରାଜସ୍ୱ ପର୍ଷଦ ସହିତ ରାଜ୍ୟର ସମସ୍ତ ଜିଲ୍ଲା ଓ ତହସିଲ ସଂଯୋଗ ହୋଇଥିବାରୁ ରାଜସ୍ୱ ସେବା କ୍ଷେତ୍ରରେ ଜନସାଧାରଣଙ୍କ ସମସ୍ୟଗୁଡ଼ିକର ସମାଧାନ ଓ ସେବା ପ୍ରଦାନ ସହଜ ସାଧ୍ୟ ହୋଇପାରିବ ବୋଲି ଶ୍ରୀ ଭେନୁଗୋପାଳ ମତପ୍ରକାଶ କରିଥିଲେ । ଏହି ଉଦ୍‌ଘାଟନୀ ଉତ୍ସବରେ ଦିଲ୍ଲୀରୁ ଏନଆଇସିର ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସଂଯୋଜକ ସାଲିନୀ ମାଥ୍ରାନୀ ଏବଂ ଭୁବନେଶ୍ୱରରୁ ଏନଆଇସିର ଉପ ମହାନିର୍ଦ୍ଦେଶକ ତଥା ଷ୍ଟେଟ ଇନଫରମାଟିକ ଅଫିସର କବିତା ରାୟଦାସ, ଉପସ୍ଥିତ ରହି ଏନଆଇସି ପକ୍ଷରୁ ସମସ୍ତ ବୈଷୟିକ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଥିଲେ । ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ପର୍ଷଦସ୍ଥିତ ସୁବ୍ରତ ଶତପଥୀ, ଅତିରିକ୍ତ ସଚିବ ନିହାର ରଞ୍ଜନ ଦାଶ, ଅଭିରାମ କେରକେଟା, ଯୁଗ୍ମ ସଚିବ ବିନୋଦିନୀ ପଣ୍ଡାଙ୍କ ସମେତ ରାଜସ୍ୱ ପର୍ଷଦର ବିଭିନ୍ନ ଅଧିକାରୀ ଓ ଏନଆଇସିର ସମସ୍ତ ଅଧିକାରୀ ଓ ବୈଷୟିକ କର୍ମଚାରୀ ଉପସ୍ଥିତ ଥିଲେ ।

# ଶିଳାନ୍ୟାସକୁ ୩ବର୍ଷ : କାର୍ଯ୍ୟକ୍ଷମ ହୋଇପାରିଲାନି ମେଗା ପାନୀୟଜଳ ପ୍ରକଳ୍ପ



**ପୁରୀ(ଏନ୍.ଏମ୍.):** ସତ୍ୟବାଦୀ ବ୍ଲକ୍‌ରେ ଏବେଠୁ ପାନୀୟଜଳର ଘୋର ଅଭାବଦେଖା ଗଲାଣି । ଏ ବର୍ଷ ବର୍ଷା ବହୁତ କମ୍ ହୋଇଥିବାରୁ ଗଡ଼ିଆ, ନାଳ, ଯୋରଗୁଡ଼ିକ ଶୁଖି ଗଲାଣି । ଫଳରେ କେବଳ ପାନୀୟଜଳ ନୁହେଁ, ବ୍ୟବହାର ପାଇଁ ମଧ୍ୟ ପାଣିର ଅଭାବ ପଡ଼ିବ । ବ୍ଲକ୍‌ରେ ଏପରି କିଛି ଗ୍ରାମପଞ୍ଚାୟତ ରହିଛି, ଯେଉଁଠାରେ ଲୋକେ ଗଡ଼ିଆ, ଚୁଆ ଆଦିରୁ ପାନୀୟଜଳ ସଂଗ୍ରହ କରିଥାନ୍ତି । ଖରାଦିନ ହେଲେ ସେମାନଙ୍କ ଗ୍ରାମରେ ଥିବା ନଳକୂପ ଗୁଡ଼ିକ ଅଚଳ ହୋଇଯାଉଥିବାବେଳେ ଲୁଣି ପାଣି ବାହାରିଥାଏ । ସେମାନେ ବିଶୁଦ୍ଧ ପାନୀୟଜଳ ଟିକେ ପାଇପାରୁନାହାନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ବୋରୱେଲ ଦ୍ୱାରା ମାଟିତଳୁ ପାଣି ଉଠାଯାଇ କେତେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ହେଉଛି । ମାତ୍ର ତାହା ପିଇବା ପାଣି ପାଇଁ ଉପଯୁକ୍ତ ନୁହେଁ ବୋଲି ଗ୍ରାମବାସୀ ମାନେ ଅଭିଯୋଗ ଆଣିଛନ୍ତି । ଅନକ ଦିନ ଧରି ମେସିନ ଖରାପ କହି ପାନୀୟଜଳ ଯୋଗାଣ ବନ୍ଦ ରହୁଥବା ବେଳେ କେତେବେଳେ ପାଇପ୍‌ରୁ ପଙ୍କୁଆ ପାଣି ବାହାରୁଛି ତ କେତେବେଳେ ଲୁଣି ପାଣି ବାହାରୁଛି । ଯାହାକି ପାନୀୟଜଳ ପାଇଁ ଅନୁପଯୋଗୀ ବୋଲି ଗ୍ରାମବାସୀମାନେ ବିଭାଗୀୟ ଅଧିକାରୀମାନଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ବ୍ଲକ୍‌ର ରାୟଖଣ୍ଡି, ବିଦ୍ୟାଧରପୁର, ସାରଙ୍ଗଯୋଡ଼ି, ରାୟଚକ୍ରଧରପୁର, ନରେନ୍ଦ୍ରପୁର ଆଦି ଗ୍ରାମ ପଞ୍ଚାୟତର ଅନେକ ଗ୍ରାମବାସୀ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି । ଏ ସମ୍ପର୍କରେ ବାରମ୍ବାର ଖବର ପ୍ରସାରିତ ହେବା ସହ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅନେକ ଅଭିଯୋଗ କରାଯାଇଥିଲେ ବି କିଛି ଫଳ ମିଳୁନଥିବା ରମାକାନ୍ତ ଦାଶ, ନବଘନ ରଥ, ପ୍ରଶାନ୍ତ କର, ଲକ୍ଷ୍ମଣ ଭୋଇ ପ୍ରମୁଖ କହନ୍ତି । ଅନ୍ୟପକ୍ଷେ ଏହାକୁ ନଜର କରି ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇ ୨୦୧୭ ମସିହାରେ ବଳପୁର ଗ୍ରାମ ପଞ୍ଚାୟତର ବିଭୂତି ବାଟିକାରେ ୩୪ କୋଟି ଟଙ୍କାର ଏହି ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଥିଲେ । ଶିଳାନ୍ୟାସ ଉତ୍ସବରେ ବିଧାୟକ କହିଥିଲେ ଦୁଇବର୍ଷ ମଧ୍ୟରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ । ମାତ୍ର ୩ ବର୍ଷ ପରେ ବି ପ୍ରକଳ୍ପ କାମ ସରିବାର ନାଁ ଧରୁନି । ଏହା ମଧ୍ୟରେ ପ୍ରକଳ୍ପ କାର୍ଯ୍ୟର ଅବଧି ଶେଷ ହୋଇଗଲାଣି । ବିଭାଗୀୟ ଅଧିକାରୀ ଓ ଠିକା କମ୍ପାନୀର ଅଧିକାରୀ ବିଭିନ୍ନ ଆଳ ଦେଖାଇ କାର୍ଯ୍ୟ ପକାଇ ରଖିଛନ୍ତି । ବାସୁଦେଇପୁର ନିକଟରେ ଏକ ପାଣି ଟାଙ୍କି ଦୁଇ ବର୍ଷରୁ ଅଧିକ ଦିନ ହେବ କାମ ଚାଲିଛି କାମ ସରିବାର ନାଁ ଗନ୍ଧ ଧରୁନାହିଁ । ଅନ୍ୟ ପକ୍ଷେ ବଳପୁର ନିକଟ ଭାର୍ଗବୀ ନଦୀ ନିକଟରେ ପମ୍ପ ହାଉସ କାମ ଚାଲିଛି । ୩ ବର୍ଷ ହୋଇଗଲା ମାତ୍ର କାମ ଶେଷ ହେଉନାହିଁ ବୋଲି ସ୍ଥାନୀୟ ଗ୍ରାମବାସୀ ରାମଶଙ୍କର ସାହୁ, ହରିହର ମିଶ୍ର, ନକୁଳ ମହାପାତ୍ର ପ୍ରମୁଖ କହନ୍ତି । ବିଧାୟକଙ୍କ ପ୍ରତିଶ୍ରୁତି ଅନୁଯାୟୀ କାମ ସରୁନଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ସତ୍ୟବାଦୀ ବ୍ଲକ୍‌ର ୧୪ ଟି ଗ୍ରାମପଞ୍ଚାୟତର ପ୍ରାୟ ୫୦ ହଜାର ପରିବାର ଉପକୃତ ହୋଇ ପାରିବେ ବୋଲି ଜଣାପଡ଼ିଛି । ଏ ସମ୍ପର୍କରେ ବ୍ଲକ୍ ପାନୀୟଜଳ କନିଷ୍ଠ ଯନ୍ତ୍ରୀ ସୁଜାତା ପରିଡ଼ା କହନ୍ତି ଭାର୍ଗବୀ ନଦୀରୁ ପାଣି ଏବେ ଉଠାଯାଇ ପରୀକ୍ଷା ନିରୀକ୍ଷା କରାଯାଉଛି । ଏହି ପ୍ରକଳ୍ପ ଠିକା କମ୍ପାନୀ ଏଲ୍ ଆଣ୍ଡ ଟି କରୁଛି । ଅବଧି ସରିବା ପରେ ଦୁଇ ମାସ ଅଧିକ ସମୟ ନେଇଛି ପାଇପ୍ ବିଛାଇବା ପାଇଁ । ମାର୍ଚ୍ଚ ମାସ ଶେଷ ସୁଦ୍ଧା କାମ ସରିଯିବ । ଅନ୍ୟପକ୍ଷେ ପୁରୀ ଜିଲ୍ଲାପାଳ ଖରାଦିନ ଆଗରୁ ଏହି ମେଗା ପ୍ରକଳ୍ପ କାମ ତୁରନ୍ତ ଶେଷ କରିବାକୁ ଦାବି ହେଉଛି ।









## କରୋନା ଭୂତାଣୁ ଆତଙ୍କ ଘୁଞ୍ଚିଲା ୱାର୍ଲ୍ଡ ଇଣ୍ଡୋର ଆଥଲେଟିକ୍ସ

**ଲଣ୍ଡନ (ଏଜେନ୍ସି) :** ୨୦୨୦ ୱାର୍ଲ୍ଡ ଇଣ୍ଡୋର ଆଥଲେଟିକ ଚମ୍ପିୟାନ୍‌ଶିପ୍ କରୋନା ଭୂତାଣୁଜନିତ ଆତଙ୍କ ଲାଗି ଏକ ବର୍ଷ ଘୁଞ୍ଚାଇ ଦିଆଯାଇଛି । ଚୀନ୍‌ର ଉହାନ ସହରରେ ଚଳିତବର୍ଷ ମାର୍ଚ୍ଚ ୧୩ରୁ ୧୫ ଯାଏ ଏହି ଚମ୍ପିୟନ୍‌ଶିପ୍ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଥିଲା । କିନ୍ତୁ ଏବେ ଏହାକୁ ଏକ ବର୍ଷ ଘୁଞ୍ଚାଇ ଦିଆଯାଇଛି । ଫଳରେ ଏହା ଏବେ ୨୦୨୧ ମାର୍ଚ୍ଚ ୧୩ରୁ ୧୫ ଯାଏ ସେହି ଚୀନର ଉହାନ ସହରରେ ଅନୁଷ୍ଠିତ ହେବ ବୋଲି ଆଇଏଏଫ୍ଏଫ୍ ପକ୍ଷରୁ ଘୋଷଣା କରାଯାଇଛି । ବିଶ୍ୱ ଆଥଲେଟିକ୍‌କୁ ନିୟନ୍ତ୍ରଣ କରୁଥିବା ସର୍ବୋଚ୍ଚ ସଂଗଠନ ଆଇଏଏଫ୍ଏଫ୍‌ର କହିବା ଅନୁଯାୟୀ ଆମେ ଏ ସୂର୍କରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପରାମର୍ଶ ନେଇଥିଲୁ । କିନ୍ତୁ ଚଳିତବର୍ଷ ମାର୍ଚ୍ଚରେ ଚୀନର ଏହି ଆୟୋଜନ ସହର ସୁରକ୍ଷିତ ନୁହେଁ ବୋଲି ସ୍ୱାସ୍ଥ୍ୟ ସଂଗଠନ ମତ ଦେଇଥିଲେ । ଆମେ ମଧ ଅନ୍ୟ ସହର ଗୁଡିକ ଏହାକୁ ଆୟୋଜନ କରିବାକୁ ଅନୁରୋଧ କରିଥିଲେ । କିନ୍ତୁ ଆମେ ଏହାକୁ ଅଗ୍ରାହ୍ୟ କରିଦେଇଛୁ ଏବଂ ଚୀନରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛୁ ବୋଲି ଆଇଏଏଫ୍ଏଫ୍ ପକ୍ଷରୁ ପ୍ରକାଶିତ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି । ପ୍ରତି ଦୁଇ ବର୍ଷରେ ଥରେ ଏହି ଚମ୍ପିୟାନ୍‌ଶିପ୍ ଆୟୋଜିତ ହୋଇଥାଏ । ୨୦୧୮ରେ ଏହା ବର୍ମିଂହାମ୍‌ରେ ହୋଇଥିଲାବେଳେ ୨୦୨୨ରେ ସର୍ବିଆର ବେଲଗ୍ରେଡ୍ ଠାରେ ଅନୁଷ୍ଠିତ ହେବ ।






# ଭାରତ ସମସ୍ତଙ୍କୁ ସୁଯୋଗ ଦେବ

**ୱେଲିଂଟନ୍ (ଏଜେନ୍ସି) :** ଘରୋଇ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଭାରତ ମଧ୍ୟରେ ୱେଷ୍ଟପାକ ଷ୍ଟାଡ଼ିୟମରେ ଚତୁର୍ଥ ଟି-୨୦ ମ୍ୟାଚ୍ ଖେଳାଯିବ । ବର୍ତ୍ତମାନ ସୁଦ୍ଧା ପ୍ରଥମ ତିନିଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇ ନ୍ୟୁଜିଲାଣ୍ଡ ସିରିଜ ହାରିସାରିଛି । ଫଳରେ ଏହି ମ୍ୟାଚ୍ ମାଧମରେ ଘରୋଇ ଦଳ ସମ୍ମାନ ବଞ୍ଚାଇବା ଉଦ୍ଦେଶ୍ୟରେ ଖେଳିବ । ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ମାଟିରେ ପ୍ରଥମ ସିରିଜ ଜିତିଥିବା ଭାରତ ଏହାକୁ ମୂଳପୋଛ କରି ଇତିହାସ ରଚନା କରିବା ଲକ୍ଷ୍ୟରେ ଖେଳିବ । ବ୍ୟାଟ୍ସମ୍ୟାନ୍‌ଙ୍କ ଜବରଦସ୍ତ ଫର୍ମ ଯୋଗୁଁ ବିରାଟ କୋହଲିଙ୍କ ନେତୃତ୍ୱାଧିନ ଭାରତ ବର୍ତ୍ତମାନ ସୁଦ୍ଧା ତିନିଟି ଯାକ ମ୍ୟାଚ୍ ଜିତିଛି । ପ୍ରଥମ ୪ ବ୍ୟାଟ୍ସମ୍ୟାନ୍‌ଙ୍କ ଅବଦାନ ଏପର୍ଯ୍ୟନ୍ତ ଶ୍ରେଷ୍ଠ ରହିଛି । ପ୍ରଥମ ଦୁଇ ମ୍ୟାଚ୍‌ରେ ଲୋକେଶ ରାହୁଲ, କୋହଲି ଓ ଶ୍ରେୟସ୍ ଆୟର ଦକ୍ଷତା ଦେଖାଇଥିଲେ । ତୃତୀୟ ମ୍ୟାଚ୍‌ରେ ଓପନର ରୋହିତ ଶର୍ମା ଆକର୍ଷଣୀୟ ଇନିଂସ୍ ଖେଳିଥିଲେ । ବୋଲିଂରେ ଭାରତ ପକ୍ଷରୁ ଯଶପ୍ରୀତ ବୁମରା ତୃତୀୟ ମ୍ୟାଚ୍‌ରେ ବ୍ୟୟବହୁଳ ହୋଇଥିଲେ । କିନ୍ତୁ ମହମ୍ମଦ ଶମୀ ଏହି ମ୍ୟାଚ୍‌ରେ ଉଚ୍ଚକୋଟୀର ବୋଲିଂ ପ୍ରଦର୍ଶନ କରିଥିଲେ । ଭାରତ ସିରିଜ ଜିତି ସାରିଥିବାରୁ ଚୂଡାନ୍ତ ଏକାଦଶରେ ଅନେକ ପରିବର୍ତ୍ତନ କରିପାରେ । ସବୁକ୍ଷେତ୍ରରେ ଭଲ ଫର୍ମରେ ରହି ମଧ ନ୍ୟୁଜିଲାଣ୍ଡ ସମସ୍ତ ମ୍ୟାଚ୍ ହାରିଛି । ଭାରତକୁ ହରାଇବା ପାଇଁ ଅଧିନାୟକ କେନ୍ ୱିଲିଅମ୍‌ସନ୍ ନୂଆ ଗେମ୍ ପ୍ଲାନ୍ ନେଇ ପଡ଼ିଆକୁ ଓହ୍ଲାଇବେ । ବର୍ତ୍ତମାନ ସୁଦ୍ଧା ଭାରତ ୩-୦ରେ ସିରିଜ ଜିତି ସାରିଛି । ଆହୁରି ଦୁଇଟି ମ୍ୟାଚ୍ ଖେଳାଯିବାକୁ ରହିଥିବାରୁ ଭାରତ ଏବେ ବେଞ୍ଚରେ ବସିଥିବା କିଛି ଖେଳାଳିଙ୍କୁ ସୁଯୋଗ ଦେବାର ସମ୍ଭାବନା ରହିଛି । ୱିକେଟ୍ କିପିଙ୍ଗ କରୁଥିବା ଲୋକେଶ ରାହୁଲଙ୍କ ସ୍ଥାନରେ ସଞ୍ଜୁ ସାମସନ୍ ଖେଳିପାରନ୍ତି । ସେ ରୋହିତଙ୍କ ସହ ଇନିଂସ୍ ଓପନ୍ କରିବେ । ସେହିପରି ମଧମକ୍ରମରେ ଶିବମ ଦୁବେ ବ୍ୟାଟିଂରେ ଫେଲ ହୋଇଥିବାରୁ ରଷଭ ପନ୍ତ ଖେଳିପାରନ୍ତି । ବୋଲିଂରେ ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇ ନବଦୀପ ସୈନୀ ଖେଳାଯିବାର ସମ୍ଭାବନା ରହିଛି । ସେହିପରି ନ୍ୟୁଜିଲାଣ୍ଡ ସିରିଜର ପ୍ରଥମ ତିନି ମ୍ୟାଚ୍ ପାଇଁ ଦଳରେ କଲିନ୍ ଡି ଗ୍ରାଣ୍ଡହୋମ ସାମିଲ ହୋଇଥିଲେ । ତାଙ୍କ ସ୍ଥାନରେ ଏବେ ୱିକେଟ୍ କିପର ଟମ୍ ବ୍ରୁସ୍ ଦଳରେ ସାମିଲ ହୋଇଥିଲେ । ସେ ଏବେ ଦଳରେ ସାମିଲ ହେଲେ ଟିମ ଶିଫର୍ଟଙ୍କୁ ଚୂଡାନ୍ତ ଏକାଦଶରୁ ବାଦ ଦିଆଯିବ । ତାଙ୍କ ସ୍ଥାନରେ ଡାରେଲ ମିଚେଲ ଖେଳିପାରନ୍ତି । ଯାହାଦ୍ୱାରା ଘରୋଇ ଦଳ ପୁରୁଣା ବ୍ୟାଟିଂ ଲାଇନ୍ ନମ୍ବର ୪ରେ ରସ୍ ଟେଲରଙ୍କୁ ଖେଳାଇବ ।




## ଫେବୃୟାରୀ ଦିନିକିଆ ସିରିଜ ପାଇଁ ଘୋଷିତ ହେଲା ନ୍ୟୁଜଲ୍ୟାଣ୍ଡ ଟିମ

**ଅକ୍‌ଲାଣ୍ଡ (ଏଜେନ୍ସି):** ଭାରତ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଘରୋଇ ନ୍ୟୁଜିଲାଣ୍ଡ ଦଳ ଖେଳାଳି ତାଲିକା ଘୋଷଣା କରିଛି । ଏହି ଦଳରେ ଆହତ ହୋଇଥିବା ୩ଜଣ ଫାଷ୍ଟ ବୋଲର ଟ୍ରେଣ୍ଟ ବୋଲ୍ଟ, ମ୍ୟାଟ୍ ହେନରୀ ଓ ଲକି ଫର୍ଗୁସନଙ୍କୁ ସାମିଲ କରାଯାଇ ନାହିଁ । ସେମାନଙ୍କ ସ୍ଥାନରେ ୬ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଫାଷ୍ଟ ବୋଲର କାଏଲ ଜାମିସନଙ୍କୁ ପ୍ରଥମଥର ଖେଳିବାକୁ ମନୋନୀତ କରାଯାଇଛି । ସ୍କଟ୍ କୁଗଲେଇନ୍ ଓ ହାମିଶ ବେନିଟ୍ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଛନ୍ତି । ଟିମ୍ ସୌଦୀ ଫାଷ୍ଟ ବୋଲିଂର ନେତୃତ୍ୱ ନେବେ । ଅଲରାଉଣ୍ଡର ଭୂମିକାରେ ଜେମ୍ସ ନୀଶାମ୍, କଲିନ୍ ଡି ଗ୍ରାଣ୍ଡହୋମ୍ ଓ ମିଚେଲ ସାଣ୍ଟନର ରହିବେ । ଇଞ୍ଜୁରୀରୁ ମୁକୁଳିବା ପରେ ନେରୀ ନିକୋଲସ ଓ ଟମ୍ ଲାଥମ ଦଳକୁ ଫେରିଛନ୍ତି । ଫଳରେ ଘରୋଇ ଦଳର ବ୍ୟାଟିଂ ଶକ୍ତି ବଢିଛି । ଭାରତୀୟ ବଂଶୋଦ୍ଭବ ଲେଗ୍ ସ୍ପିନର ଇଶ୍ ସୋଢିଙ୍କୁ କେବଳ ପ୍ରଥମ ଦିନିକିଆ ଲାଗି ଚୟନ କରାଯାଇଛି । ଏହା ପରେ ଟେଷ୍ଟ ମ୍ୟାଚ୍ ପ୍ରସ୍ତୁତି ଲାଗି ଫେବୃୟାରୀ ୭ରୁ ଆରମ୍ଭ ହେବାକୁ ଥିବା ଭାରତ ବିପକ୍ଷ ୩ ଦିନିଆ ଅଭ୍ୟାସ ମ୍ୟାଚ୍‌ରେ ତାଙ୍କୁ ଖେଳିବାକୁ ସୁଯୋଗ ଦିଆଯାଇଛି । କେନ୍ ୱିଲିୟମସନଙ୍କ ନେତୃତ୍ୱରେ ଗଠିତ ଦଳ ଭାରତ ସହ ଫେବୃୟାରୀ ୫, ୮ ଓ ୧୧ରେ ଦିନିକିଆ ସିରିଜ୍ ଖେଳିବ ।

### ଖେଳସୂଚୀ

୫।୨-ପ୍ରଥମ ଦିନିକିଆ, ହାମିଲଟନ୍

୮।୨- ଦ୍ୱିତୀୟ ଦିନିକିଆ, ଅକ୍‌ଲାଣ୍ଡ

୧୧।୨-ତୃତୀୟ ଦିନିକିଆ, ମାଉଣ୍ଟ ମାଉଙ୍ଗାନୁଇ

ଖେଳ ଆରମ୍ଭ- ଭାରତୀୟ ସମୟ- ସକାଳ ୭ଟା ୩୦ ମିନିଟ ।

### ଘୋଷିତ ଦଳ

କେନ୍ ୱିଲିୟମସନ (ଅଧିନାୟକ), ହାମିଶ ବେନିଟ୍, ଟମ୍ ବ୍ଲଣ୍ଡେଲ, କଲିନ୍ ଡି ଗ୍ରାଣ୍ଡହୋମ୍, ମାର୍ଟିନ ଗପ୍ଟିଲ, କାଏଲ ଜାମିସନ, ସ୍କଟ କୁଗ୍‌ଲେଇନ୍, ଟମ୍ ଲାଥମ, ଜିମ୍ମି ନୀଶାମ୍, ହେନରୀ ନିକୋଲସ୍, ମିଚେଲ ସାଣ୍ଟନର, ଇସ୍ ସୋଢି (କେବଳ ପ୍ରଥମ ଦିନିକିଆରେ), ଟିମ୍ ସୌଦୀ ଓ ରସ୍ ଟେଲର ।

## ଜାତୀୟ ସିନିୟର ମହିଳା ହକି : କେରଳକୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର(ଏନ୍.ଏମ୍.) :** କେରଳର କୋଲାମ ଠାରେ ଆରମ୍ଭ ହୋଇଥିବା ୧୦ମ ଜାତୀୟ ସିନିୟର ମହିଳା ହକି 'ଏ' ଡିଭିଜନରେ ଓଡ଼ିଶା ବିଜୟ ଅଭିଯାନ ଆରମ୍ଭ କରିଛି । ଓଡ଼ିଶା ତାହାର ପ୍ରଥମ ମ୍ୟାଚ୍‌ରେ ହକି କେରଳକୁ ୩-୧ ଗୋଲରେ ପରାସ୍ତ କରିଛି । ଖେଳର ୩୬ ତମ ମିନିଟ୍‌ରେ ଜୀୱନ କିଶୋରୀ ଟପ୍ପୋ ଓଡ଼ିଶା ଲାଗି ପ୍ରଥମ ଗୋଲ ସ୍କୋର କରିଥିଲେ । ଏହା ପରେ ଖେଳର ୪୪ତମ ମିନିଟ୍‌ରେ କେରଳର ଅର୍ଚ୍ଚନା ପ୍ରସାଦ ଶୈଳଜା ଏହି ଗୋଲକୁ ଶୁଝାଇ ଦେଇଥିଲେ । ଏହା ପରେ ଉଭୟ ଦଳର ଖେଳାଳିମାନେ ଗୋଲ ଦେବାକୁ ଉଦ୍ୟମ କରି ବିଫଳ ହୋଇଥିଲେ । ଖେଳର ଚତୁର୍ଥ କ୍ୱାର୍ଟରରେ ଓଡ଼ିଶା ଖେଳାଳିମାନେ ଅଧିକ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିବା ଯୋଗୁଁ ଦଳକୁ ସୁଫଳ ମିଳିଥିଲା । ଖେଳର ୫୪ତମ ମିନିଟ୍‌ରେ ରୋଜିତା କୁଜୁର ଏବଂ ୬୦ତମ ମିନିଟ୍‌ରେ ଅବିନାସୀ ମୁକ୍ତି ସୋରେନ୍ ଗୋଲ ଦେବା ଫଳରେ ଓଡ଼ିଶା ଏହି ମ୍ୟାଚ୍‌କୁ ସହଜରେ ୩-୧ ଗୋଲରେ ଜିତିନେଇଥିଲା । ଗୁରୁବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ମଧ୍ୟରୁ ହରିଆଣା ୯-୧ ଗୋଲରେ ରାଜସ୍ଥାନକୁ, ମହାରାଷ୍ଟ୍ର ୯-୧ ଗୋଲରେ ତାମିଲନାଡୁକୁ ଓ ପଞ୍ଜାବ ୩-୨ ଗୋଲରେ ଉତ୍ତରପ୍ରଦେଶକୁ ପରାସ୍ତ କରିଛି ।



# ଆହୁରି ୫ବର୍ଷ ଖେଳିବି- ଗେଲ

**ନୂଆଦିଲ୍ଲୀ(ଏଜେନ୍ସି) :** ଗତବର୍ଷ ୪୧ରେ ପଦାର୍ପଣ କରିଥିଲେ ମଧ ୱେଷ୍ଟଇଣ୍ଡିଜ୍‌ର ବିସ୍ଫୋରକ ବ୍ୟାଟ୍ସମ୍ୟାନ୍ କ୍ରିସ୍ ଗେଲ୍ ଏବେ ବି ଅବସର ନେବା ମୁଡରେ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି । ବିଧ୍ୱଂସୀ ବ୍ୟାଟିଂ ପାଇଁ ୟୁନିଭର୍ସାଲ୍ ବସ୍ ଭାବେ ପରିଚିତ ଗେଲ୍ ଚଳିତ ବର୍ଷ ଭାରତ ଓ ଅଷ୍ଟ୍ରେଲିଆରେ ଯଥାକ୍ରମେ ୨୦୨୧ ଓ ୨୦୨୨ରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ସମେତ ଆହୁରି ୫ ବର୍ଷ ଖେଳିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ନ୍ୟୁଜ୍ ଏଜେନ୍ସି ଏଏନ୍ଆଇ ସହ ଆଲୋଚନା ବେଳେ ଗେଲ୍ କହିଛନ୍ତି ଯେ କ୍ରିଜ୍‌ରେ ଆହୁରି ୫ ବର୍ଷ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିବା ପାଇଁ ତାଙ୍କର ସାମର୍ଥ୍ୟ ରହିଛି । ତେଣୁ ଏବେ ଅବସର ନେବାର କୌଣସି ଯୋଜନା ନାହିଁ । ଆହୁରି ୫ ବର୍ଷ ଖେଳିବେ, ଏହା ତାଙ୍କର ଦୃଢ଼ ବିଶ୍ୱାସ । ତେଣୁ ୪୫ ବର୍ଷ ବୟସ ପୂର୍ବରୁ ତାଙ୍କର ଅବସର ନେବାର କୌଣସି ଯୋଜନା ନ ଥିବା ଗେଲ୍ କହିଛନ୍ତି । ଏଥିସହ ଆଗାମୀ ଦୁଇଟି ଟି-୨୦ ବିଶ୍ୱକପ୍ ଖେଳିବା ନିଶ୍ଚିତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଯୁବରାଜ ସିଂ, ଇଅନ୍ ମୋର୍ଗାନ୍, ଆନ୍ଦ୍ରେ ରସେଲ୍, କେଭିନ୍ ପିଟର୍‌ସନ୍ ଏବଂ ରଶିଦ୍ ଖାନ୍‌ଙ୍କ ପରି ଖ୍ୟାତନାମା ଖେଳାଳିଙ୍କୁ ନେଇ ନୂଆ କରି ଆରମ୍ଭ ହେବାକୁ ଥିବା ଗ୍ଲାଡିଏଟର୍ କ୍ରିକେଟ୍ ସିରିଜ୍ ଅଲ୍‌ଟିମେଟ୍ କ୍ରିକେଟ୍ ଚ୍ୟାଲେଞ୍ଜର୍‌ରେ ଭାଗ ନେଇଥିବା ଗେଲ୍ ଏବେ ଦୁବାଇରେ ଅଛନ୍ତି । ପ୍ରଥମଥର ପାଇଁ ନୂଆ ନିୟମରେ ଖେଳାଯିବାକୁ ଥିବା ୧୬ ମ୍ୟାଚ୍ ବିଶିଷ୍ଟ ୟୁକେସି ଟୁର୍ଣ୍ଣାମେଣ୍ଟ ୱାନ୍-ଅନ୍- ୱାନ୍ ଫର୍ମାଟ୍‌ରେ ଖେଳାଯିବ । ପ୍ରତି ମ୍ୟାଚ୍‌ରେ ୨ ଜଣ ଖେଳାଳି ପରସ୍ପର ବିପକ୍ଷରେ ୧୫ ବଲ୍ ବିଶିଷ୍ଟ ୪ଟି ଇନିଂସ୍ ଖେଳିବେ । ଲିଗ୍ ପର୍ଯ୍ୟାୟରେ ଗୋଟିଏ ମ୍ୟାଚ୍ ବିଜୟ ପାଇଁ ପ୍ରତିଯୋଗୀଙ୍କୁ ୨ ପଏଣ୍ଟ ମିଳିବ । ମ୍ୟାଚ୍ ଶେଷରେ ଅଧିକ ରନ୍ କରିଥିବା ପ୍ରତିଯୋଗୀ ବିଜୟୀ ହେବେ ।













Printed and Published by Tapan Kumar Sahoo. Owned by Tapan Kumar Sahoo. Printed at Sakuntala Printers, Bidanasi, Cuttack, Odisha.
Published at Badachanchoo, Po- Nakhara, Via- Choudwar, Dist.Cuttack, PIN- 754025(ODISHA). Mob- 9938725879. Email : nishkarsha.media@gmail.com.

Editor : TAPAN KUMAR SAHOO

ସମ୍ପାଦକ : ତପନ କୁମାର ସାହୁ